# ରାସନ ହିତାଧିକାରୀଙ୍କୁ ବ୍ୟାଗ୍ ଓ ସହାୟତା ଅର୍ଥ ପ୍ରଦାନ



**କଣିହାଁ, ୨୧।୨(ସମିସ):** କଣିହା ବ୍ଲକ ବିଜିଗୋଳ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୁଧବାର ରାସନ କାର୍ଡ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାଗ ଓ ସହାୟତା ଅର୍ଥ ପ୍ରଦାନ କରାଯାଇଛି । ଅଧୀନସ୍ଥ ପଞ୍ଚାୟତ ବିଜିଗୋଳ ଗ୍ରାମର ରିଟେଲର ପ୍ରମିଳା ସାହୁଙ୍କଠାରୁ ୧୯୦ ଜଣ ହିତାଧିକାରୀ, ବାରଡ଼ଝୁଙ୍ଗୁଓ ରିଟେଲର ଶିବରାମ ସାହୁ ନିକଟରୁ ୯୦ ଜଣ ପ୍ରାଥମିକ ପର୍ଯ୍ୟାୟରେ ନିର୍ଣ୍ଣୟ କରାଯାଇଛି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦୁଇଟି ବ୍ୟାଗ ସହିତ ଆର୍ଥିକ ସହାୟତା ୧୦୦୦ ଟଙ୍କା ପ୍ରଦାନ କରାଯାଇଛି । ଅବଶିଷ୍ଟ ହିତାଧିକାରୀ ମାନଙ୍କୁ ଆସନ୍ତା କାଲି ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସାଂସଦ ମହେଶ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ସରପଞ୍ଚ ରୁକ୍ମଣୀ ପ୍ରଧାନ, ଯୋଗାଣ ବିଭାଗ ନିରୀକ୍ଷକ ଅଧିକାରୀ କ୍ରିଷ୍ଟା ଭାରତୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ପ୍ରଧାନ ପ୍ରମୁଖଙ୍କ ସହିତ ବିଜେଡି ଯୁବ ନେତା ସୁନୀଲ କୁମାର ପ୍ରଧାନ, ନିର୍ମଳ ସାହୁ, ସୁରଥ କୁମାର ସାହୁ, ବରିଷ୍ଠ ବିଜେଡି କର୍ମୀ କୀର୍ତ୍ତନ ସାହୁ, ମାନସ ନାଥ, ଅଙ୍କିତ ନାଥ, ସମାଜିକ କର୍ମୀ ଅନିଲ କୁମାର ଅଗ୍ରୱାଲ, ଲଳିତ କୁମାର ପ୍ରଧାନ, ଅର୍ଜୁନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଅଂଶଗ୍ରହଣ କରିଥିଲେ ।

### ସହରକୁ ଯୋଡ଼ିହେବ ଉପାନ୍ତ ଅଞ୍ଚଳ

# ୨୨ କିମି ରାସ୍ତା ପାଇଁ ୪୮ କୋଟି ମଞ୍ଜୁର

**ପାଲଲହଡ଼ା, ୨୧।୨(ସମିସ)**

ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡର ଉପାନ୍ତ ଅଞ୍ଚଳକୁ ଉପଖଣ୍ଡ ସହିତ ଯୋଡ଼ିବା ପାଇଁ ମୁଖ୍ୟମନ୍ତ୍ରୀ ୨୨ କିମି ରାସ୍ତା ପାଇଁ ୪୮ କୋଟି ଟଙ୍କା ମଞ୍ଜୁର କରି ଅଞ୍ଚଳବାସୀଙ୍କ ବହୁ ଦିନର ସ୍ୱପ୍ନ ପୂରଣ କରିଛନ୍ତି । ଉପାନ୍ତ ଅଞ୍ଚଳ ବା ପାଲଲହଡ଼ା ଉପଖଣ୍ଡର ଶେଷ ସୀମାରେ ଥିବା ନଗିରା ଓ ବରଡ଼ିହ ଅଞ୍ଚଳ ଏକଦା ମାଓବାଦୀ ଅଞ୍ଚଳ ଭାବେ ପରିଗଣିତ ଥିଲା । ଏଠାରେ ବସବାସ କରୁଥିବା ପାଉଡ଼ି ଭୂୟାଁ ତଥା ଆଦିବାସୀ ଜନଜାତିଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ବେଳେ ଗମନାଗମନ ପାଇଁ ଶେଷ ସୀମା ପର୍ଯ୍ୟନ୍ତ ପକ୍କା ସଡ଼କ ନିର୍ମାଣ ହୋଇପାରି ନଥିଲା । ଏହି ଅସୁବିଧାକୁ ଦୂରକରିବା ପାଇଁ ବିଧାୟକ ମୁକେଶ ପାଲଙ୍କ ପ୍ରଚେଷ୍ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିବିଡାଠାରୁ ବରଡ଼ିହ, ଖଡ଼କା ପର୍ଯ୍ୟନ୍ତ ୨୨ କିମି ରାସ୍ତା ପାଇଁ ୪୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି।



ବୁଧବାର ଓଡ଼ିଶା ସରକାରଙ୍କ ଖଣି ଓ ଇସ୍ପାତ ତଥା ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଦିନିକିଆ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସି ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଦିନ ଗୋଟାଏ ବେଳେ ମନ୍ତ୍ରୀ ଶ୍ରୀଯୁକ୍ତ ମଲ୍ଲିକ, ବିଧାୟକ ମୁକେଶ ପାଲ ଏବଂ ଯୁବ ବ୍ୟାପାର ଅଧକ୍ଷ କୁନ ବିହାରୀ ଦାସ ହେଲିକପ୍ଟର ଯୋଗେ ବରଡ଼ିହ ଅସ୍ଥାୟୀ ହେଲିପ୍ୟାଡ୍ରେ ପହଞ୍ଚିଥିଲେ । ହଜାର ହଜାର ଜନସାଧାରଣ ବାଜା ବାଣରେ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ମନ୍ତ୍ରୀ ସିବିଡା ଠାରୁ ବରଡ଼ିହ, ଖଡ଼କା ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ବରଡ଼ିହ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହକୁ ଉଦଘାଟନ କରିଥିଲେ । ବରଡ଼ିହ ପଞ୍ଚାୟତ କାର୍ଯ୍ୟାଳୟ ପଡିଆରେ ଆୟୋଜିତ ସାଧାରଣ ସଭାରେ ମନ୍ତ୍ରୀ ଯୋଗଦେଇ ଏହି ରାସ୍ତା ନିର୍ମାଣ ଦ୍ୱାରା ଅଞ୍ଚଳବାସୀ ଉପଖଣ୍ଡକୁ ଯାତାୟାତରେ ସହଜ ହେବା ସହିତ ଏହି ରାସ୍ତା ସିଧାସଳଖ ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଓ ଦେବଗଡ଼ ଜିଲ୍ଲାର ବାରକୋଟ ତଥା କେନ୍ଦୁଝରର ବାଉଁଶପାଳ ଅଞ୍ଚଳକୁ ଯୋଡ଼ିବ, ଯାହାଦ୍ୱାରା ଅଞ୍ଚଳବାସୀଙ୍କ ଜୀବନଜୀବିକାରେ ଉନ୍ନତି ଘଟିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ଆମ ଅଞ୍ଚଳ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିବା ସହିତ ଆମ ଅଞ୍ଚଳର ମା’ ଭଉଣୀଙ୍କ ଅନେକ ଦିନରୁ ଥିବା ହେଲିକପ୍ଟର ଦେଖିବାର ସ୍ୱପ୍ନକୁ ସାକାର କରିଛନ୍ତି ବୋଲି ବିଧାୟକ ଶ୍ରୀଯୁକ୍ତ ପାଲ ପ୍ରକାଶ କରିଥିଲେ । ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ନଗିରା ଓ ବରଡ଼ିହ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ ।

# ହିମିତିରା ହାଇସ୍କୁଲରେ ଶିକ୍ଷକଙ୍କ ତାଲିମ



**କିଶୋରନଗର, ୨୧।୨(ସମିସ):** କିଶୋରନଗର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ହିମିତିରା ହାଇସ୍କୁଲରେ ଶିକ୍ଷକଙ୍କ ଇତିହାସ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଆରସିସି ତଥା ଏବିଇଓ ସୁଜନ କୁମାର ସାହୁ ଯୋଗଦେଇ ଶିବିର ଶୁଭାରମ୍ଭ କରିବା ସହ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏଥିରେ ତାଲିମଦାତା ଭୈରବ ଦେହୁରୀ, ପ୍ରମୋଦ ପ୍ରଧାନ, ଅଜିତ୍ କୁମାର ବିଶ୍ୱାଳ, ପ୍ରଦୋଷ ମହାପାତ୍ର, ପଦ୍ମଚରଣ ଦେହୁରୀ, ବିଭୂଦେନ୍ଦ୍ର ସାହୁ, ମଧୁସ୍ମିତା ପ୍ରଧାନ, ସୁଜନ ବେହେରା ପ୍ରମୁଖ ଉପସ୍ଥିତ ରହି ୧୦ଟି କ୍ଲଷ୍ଟରର ୧୦୦ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ ।

# ରାଜସ୍ୱ ନିରୀକ୍ଷକ କର୍ମଚାରୀ ସମୂହଙ୍କ କାର୍ଯ୍ୟବନ୍ଦ ଜାରି



**ତାଳଚେର, ୨୧।୨(ସମିସ):** ରାଜସ୍ୱ ନିରୀକ୍ଷକଙ୍କୁ ଅବହେଳା ଅଭିଯୋଗରେ ରାଜସ୍ୱ ନୀରିକ୍ଷକ କର୍ମଚାରୀ ସମୂହ ସାରା ଓଡ଼ିଶାରେ ଆନ୍ଦୋଳନକୁ ତିନିଦିନ ହେଲା ଓହ୍ଲାଇଛନ୍ତି । ଏହି ପରିପ୍ରେକ୍ଷୀରେ ତାଳଚେର ତହସିଲଠାରେ ମଧ୍ୟ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି । ବିଭିନ୍ନ ଦାବି ନେଇ ସେମାନେ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣାରେ ବସିଛନ୍ତି । ଯଦି ସେମାନଙ୍କ ଦାବି ପୂରଣ ନ କରନ୍ତି, ତେବେ ଆନ୍ଦଳୋନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛି ସଂଘ । ଦୀର୍ଘ ଦିନରୁ କର୍ମଚାରୀମାନେ ଦାବି ଉପସ୍ଥାପନ କରିଥିବା ବେଳେ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ କରିଛନ୍ତି । ସେପଟେ ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଚାଲୁ ରହିବ ବୋଲି ସୂଚନା ମିଳିଛି ।

# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ



**ଡେରଙ୍ଗ, ୨୧।୨(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଡେରଙ୍ଗ ପଞ୍ଚାୟତ ସ୍ତରୀୟ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଡେରଙ୍ଗ ସରପଞ୍ଚ ସଂଯୁକ୍ତା ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡେରଙ୍ଗ ଗ୍ରାମପଞ୍ଚାୟତ ବିଜେଡି ସଭାପତି ପୁରୁଷଉମ ସାହୁ, ସମ୍ମାନିତ ଅତିଥି ଭାବେ ଡେରଙ୍ଗ ଗ୍ରାମ ମାଝୀ ସାହି ସଭାପତି ଦିଲ୍ଲୀପ କୁମାର ବେହେରା, ପୂର୍ବତନ କଣିହାଁ ବ୍ଲକ ଉପାଧକ୍ଷ ବିଷ୍ଣୁ ଚରଣ ଦାସ, ସୁଶାନ୍ତ କୁମାର ସାହୁ, ପିଇଓ ସୁବାଷ ଗୋଛାୟତ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ବିଜେଡି କାର୍ଯ୍ୟକାରୀ ସଭାପତି ପୁରୁଷୋତ୍ତମ ସାହୁ ପରିଚାଳନା କରିଥିଲେ । ଓଡ଼ିଶା ସରକାରଙ୍କ ଲୋକାଭିମୁଖୀ ଜନହିତକର ଯୋଜନା ଗୁଡିକ ଜନସାଧାରଣ ନିକଟରେ ପହଞ୍ଚିବ ପାଇଁ ସଚେତନତା କାର୍ଯ୍ୟକ୍ରମ ପ୍ରତ୍ୟେକ ପଞ୍ଚାୟତରୁ ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କ ସାମାଜିକ ଅର୍ଥନୈତିକ ଗମନାଗମନ ଉପଯୋଗୀ ହୋଇପାରିବ ବୋଲି ସଚେତନତା ମୁଖ୍ୟ ଉଦ୍ଦେଶ୍ୟ ଅତିଥିମାନେ ପ୍ରକାଶ କରିଥିଲେ । ପଞ୍ଚାୟତସ୍ତରରେ କୃଷି ବିଭାଗ, ପାନୀୟ ଜଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି ବିଭାଗ, ସମସ୍ୟା ସମାଧାନ କରଥିଲେ ।

# ଏସ୍‌ୟୁଜେ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଅନୁଗୋଳ, ୨୧।୨(ସମିସ):** ରାଜ୍ୟରେ କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କ ଉପରେ ବାରମ୍ବାର ହେଉଥିବା ଆକ୍ରମଣକୁ ରୋକିବା ପାଇଁ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁକରିବା ସହ ୩ ଦଫା ଦାବି ନେଇ ରାଜ୍ୟ ସାମ୍ବାଦିକ ସଙ୍ଘ (ଓଡ଼ିଶା) ସହ ସହବନ୍ଧିତ ଥିବା ଜିଲ୍ଲା ସାମ୍ବାଦିକ ସଙ୍ଘ ଅନୁଗୋଳ ପକ୍ଷରୁ ବୁଧବାର ଜିଲ୍ଲାପାଳ ମହମଦ ଅବଦ୍ଦଲ ଅକତରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି । ଖବର ପ୍ରସାରଣ ସମୟରେ ସାମ୍ବାଦିକଙ୍କୁ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିମାନେ ମରଣାନ୍ତକ ଆକ୍ରମଣ କରୁଥିବା ଘଟଣାମାନ ଘଟୁଛି । ବହୁ କ୍ଷେତ୍ରରେ ପୁଲିସ୍ ମଧ୍ୟ ଅସାମାଜିକଙ୍କୁ ସମର୍ଥନ କରିବା ସହ ସାମ୍ବାଦିକଙ୍କୁ ସୁରକ୍ଷା ଦେବାରେ ପଛଘୁଞ୍ଚା ଦେଉଛି । ଏପରି ହେବା ଦ୍ୱାରା ସାମ୍ବାଦିକମାନେ ମୁକ୍ତ ଭାବେ ନିରପେକ୍ଷ ଖବର ପରିବେଷଣ କରିପାରୁନାହାନ୍ତି । ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ, ରାଜଧାନୀରେ ସାମ୍ବାଦିକଙ୍କ ସ୍ୱଳ୍ପକାଳୀନ ରହିବାର ବ୍ୟବସ୍ଥା ନିମନ୍ତେ ସାମ୍ବାଦିକ ଭବନ ନିର୍ମାଣ, କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ୨୫ ହଜାର ଓ ଅବସର ପରେ ମାସିକ ପେନସନ ବାବଦ ୨୦ ହଜାର ଟଙ୍କା ଭତ୍ତା ପ୍ରଦାନ ସହ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶ କୁ ୫ ଲକ୍ଷରୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି ପ୍ରଭୃତି ଦାବି ଉପସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ବିରଜା ଶଙ୍କର ମିଶ୍ର, ସାଧାରଣ ସମ୍ପାଦକ ମନୋରଞ୍ଜନ ପାଣି, ଉପସଭାପତି ପ୍ରତାପ ବିଶ୍ୱାଳଙ୍କ ସମେତ କଣିହାଁ ବ୍ଲକର ହିମାଂଶୁ ଶେଖର ଗଡ଼ନାୟକ, ଜିତେନ୍ ସାହୁ, ବୁଲୁ ସାହୁ, ବିଜୟ ବେହେରା, ରଞ୍ଜନ ସାହୁ, ଦୁଷ୍ମନ୍ତ ବେହେରା, ବଳଭଦ୍ର ନାଏକ, ସୌଭାଗ୍ୟ ମହାରଣା, ଜୁଲଫିକର ହୁସେନ, ରବୀନ୍ଦ୍ର ମହାରଣା, ଭାଗ୍ୟରଥୀ ମହାପାତ୍ର ପ୍ରମୁଖ ବହୁ ସାମ୍ବାଦିକଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା ।



● ଜିଲ୍ଲାସ୍ତରୀୟ ପୋଲିଓ ଟିକାକରଣ ଟାସ୍କଫୋର୍ସ ବୈଠକ

# ୧. ୧୫ ଲକ୍ଷଙ୍କୁ ପୋଲିଓ ଟିକାକରଣ କରିବା ଲକ୍ଷ୍ୟ



**ଅନୁଗୋଳ, ୨୧।୨(ସମିସ):** ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପୋଲିଓ ଟୀକାକରଣ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଆସନ୍ତା ମାର୍ଚ୍ଚ ୩ ତାରିଖରେ ଆୟୋଜିତ ପୋଲିଓ ଟୀକାକରଣ ଅଭିଯାନକୁ ୧୦୦ ପ୍ରତିଶତ ସଫଳ କରିବା ନିମନ୍ତେ ଆଲୋଚନା କରାଯାଇଛି । ବୈଠକକୁ ଭାରପ୍ରାପ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱବିହାରୀ ମହାନ୍ତି ଅଧ୍ୟକ୍ଷତା କରି ପୋଲିଓ ଟିକାକରଣ ଅଭିଯାନର ମୂଳ ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ର, ଏସଏମଓ ଡ. ସନ୍ତୋଷ କୁମାର ସାହୁ ଯୋଗଦେଇ ଜିଲ୍ଲାରେ ୧ ଲକ୍ଷ ୧୫ ହଜାର ୬୪୫ ପୋଲିଓ ଟୀକା ୫୬୯୭ ଟି ବୁଥ ମାଧ୍ୟମରେ ୫ ବର୍ଷରୁ କମ ଶିଶୁମାନଙ୍କୁ ଟୀକାକରଣ କରାଯିବାର ଲକ୍ଷ୍ୟ ରହିଛି ବୋଲି କହିଥିଲେ । ଏହି ବୈଠକକୁ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

# ରାଜସ୍ୱ ନିରୀକ୍ଷକଙ୍କ ଦାବିପତ୍ର ପ୍ରଦାନ

**ଆଠମଲ୍ଲିକ, ୨୧।୨(ସମିସ):** ରାଜସ୍ୱ ନିରୀକ୍ଷକମାନେ କାର୍ଯ୍ୟ ବନ୍ଦକରିବା ସହ ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ, ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ବେତନ ସଂରଚନାରେ ପରବର୍ତ୍ତୀ ସ୍ତରକୁ ପଦୋନ୍ନତି, ଓ ଆ ର ଏ ସ ରେ ପଦୋନ୍ନତି ପାଇଁ



ଅନ୍ୟତମ ସିସିଆର ମାନଦଣ୍ଡକୁ ବିଲୋପ କରିବା ଆଦି ଦାବିରେ ରାଜସ୍ୱ ନିରୀକ୍ଷକମାନେ କାର୍ଯ୍ୟବନ୍ଦ କରି ଧାରଣାରେ ବସିଛନ୍ତି । ତତସହିତ ଆଠମଲ୍ଲିକ ତହସିଲଦାର ଶ୍ୟାମସୁନ୍ଦର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସଭାପତି ଅକ୍ଷୟ କୁମାର ପାତ୍ର, ସମ୍ପାଦକ ବିକଳ ପ୍ରଧାନ, ସୁରେନ୍ଦ୍ର କୁମାର ଦାଶ, ମନୋଜ କୁମାର ନାୟକ, ଅମରନାଥ ଦେହୁରୀ, ତରୁଣ କୁମାର ସାହୁ, ସୋମ୍ୟ ପ୍ରକାଶ କଅଁର, ଉଦୟନାଥ ନାୟକ, ବାସୁଦେବ ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ସୁବ୍ରତ ସତ୍ୟବ୍ରତ ପ୍ରଧାନ, ସୁନୀଲ କୁମାର ସ୍ୱାଇଁ ପ୍ରମୁଖ ଧାରଣାରେ ବସିଛନ୍ତି ।

# ରାସନ କାର୍ଡଧାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ



**କୁଲଓ, ୨୧।୨(ସମିସ):** ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ କୁଡୁଲୁ ପଞ୍ଚାୟତଠାରେ ରାଜ୍ୟ ସରକାରଙ୍କ ତରଫରୁ ପଞ୍ଚାୟତ କାର୍ଯ୍ୟାଳୟରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବଅଁରପାଳ ବ୍ଲକ ବିଡିଓ ଲୋଚନ ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ପ୍ରଧାନ, ଜିଆରଏସ୍ ସୁଶାନ୍ତ ପ୍ରଧାନ, ସରପଞ୍ଚ ଦିବାକର ମାଳିକଙ୍କ ଉପସ୍ଥିତରେ ବର୍ଦ୍ଧିତ ମଧୁବାବୁ ପେନସନ୍ ଯୋଜନା ଓ ରସନ୍ କାର୍ଡଧାରମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କାରାଯାଇଛି ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

**ତାଳଚେର, ୨୧।୨(ସମିସ)**

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଷା ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ସମଗ୍ର କଳମଛୁଇଁ ଗ୍ରାମ ପରିକ୍ରମା କରିଥିଲେ । ଏହାପରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଅଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ଭାଷା, ସାହିତ୍ୟ ସମ୍ବନ୍ଧୀୟ କୁଇଜ୍, ପ୍ରବନ୍ଧ, ଶୁଦ୍ଧ ଲିଖନ, ଜୀବନୀ କଥନ, ପ୍ରଶ୍ନମଂଚ ଆଦି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଉପଢୌକନ ଦେଇ ପୁରସ୍କୃତ କରିଥିଲେ ।





ଏହାପରେ ବିଦ୍ୟାଳୟର ପ୍ରାଚୀରପତ୍ର ‘ଶଙ୍ଖନାଦ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ଭଗବତୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆଚାର୍ଯ୍ୟ ମଳୟ ଦାସ, କୁମୁଦ ସାହୁ, ଚତୁର୍ଭୁଜ ସାହୁ, ଟୁନିତା ସାହୁ, ଦମୟନ୍ତୀ ନନ୍ଦ, ବିକାଶ ପ୍ରଧାନ, କୁମୁଦ ବେହେରା, ବୀରେନ୍ ପ୍ରଧାନ, ବୀଣାପାଣି ବାରିକ, ଜ୍ୟୋତିର୍ମୟୀ ସେନାପତି, ସରିତା ନାୟକ, କମଳ ଲୋଚନ ପ୍ରଧାନ, ବିଷ୍ଣୁଚରଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

**ଆଠମଲ୍ଲିକ:** ସରସ୍ୱତୀ ଶିଶୁ ବିଦ୍ୟମନ୍ଦିର ଆଠମଲ୍ଲିକରେ ଅନ୍ତର୍ଜାତୀୟ ମାତୃ ଭାଷା ଦିବସ. ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ମାତୃଭାଷା ପ୍ରମୁଖ ରବିନ୍ଦ୍ର କୁମାର ଥାଟି ଦୀପ ପ୍ରଜ୍ୱଳନ କରି ଦିବସର ଆଭିମୁଖ୍ୟ କହିଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଦିଲ୍ଲୀପ କୁମାର ମିଶ୍ର , ବିଦ୍ୟାଳୟର ମାତୃଭାଷା ପ୍ରମୁଖା ଆଚାର୍ଯ୍ୟା ରଶ୍ମିତା ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନ୍ତାକ୍ଷରୀ, ବକ୍ତୃତା, ପ୍ରବନ୍ଧ ଲିଖନ, ଏକକ ଅଭିନୟ, ନୃତ୍ୟ, ଆଶୁଭାଷଣ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା, ଉପସଭାପତି କଷ୍ୟପ କ୍ଷେତୀ, ସମ୍ପାଦକ ଧ୍ରୁବ ଚରଣ ବଡ଼ମାଳୀ, , ଆଚାର୍ଯ୍ୟ ସୁକୁମାର ମହାନ୍ତି ଏବଂ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ ।



### ଜୟପୁରାକାଟେଣୀ ସରପଞ୍ଚଙ୍କୁ ଅସିଦ୍ଧ ଘୋଷଣା ମାମଲା

# ସ୍ଥଗିତାଦେଶକୁ ରଦ୍ଦକଲେ ଅତିରିକ୍ତ ଦୌରାଜଜ୍

**କାମାକ୍ଷାନଗର, ୨୧।୨(ସମିସ)**

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗ ନେଇ ପରଜଙ୍ଗ ବ୍ଲକ ଜୟପୁରାକାଟେଣୀ ସରପଞ୍ଚଙ୍କୁ ଅସିଦ୍ଧ ଘୋଷଣା କରିବା ପରେ କାମାକ୍ଷାନଗର ଅତିରିକ୍ତ ଦୌରା ଜିଲ୍ଲା ଅଦାଲତ ଏହାକୁ ବୁଧବାର ରଦ୍ଦ କରିଛନ୍ତି। ସୂଚନା ମୁତାବକ ପରଜଙ୍ଗ ବ୍ଲକ ଜୟପୁରାକାଟେଣୀ ପଞ୍ଚାୟତରେ ବିଜୟୀ ହୋଇଥିବା ସରପଞ୍ଚ ମିତାରାଣୀ ସାହୁଙ୍କୁ ପରଜଙ୍ଗ ଅଦାଲତ ଅସିଦ୍ଧ ଘୋଷଣା କରିଥିଲେ। ସରପଞ୍ଚ ନାମାଙ୍କନ ପତ୍ର ଦାଖଲ ନିମନ୍ତେ ଓଡ଼ିଶା ପଞ୍ଚାୟତ ଅଧିନିୟମ ୧୯୬୪ ଅନୁଯାୟୀ ସର୍ବନିମ୍ନ ବୟସ ୨୧ ବର୍ଷ ରହିଥିବା ବେଳେ ୨୦୨୨ ମସିହାରେ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମିତାରାଣୀଙ୍କୁ ୨୧ ବର୍ଷ ବୟସ ହୋଇ ନଥିବା ବେଳେ ନାମାଙ୍କନ ପତ୍ର ଦାଖଲ ବେଳେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମିନୁ ବେହେରା ସମିତି କାର୍ଯ୍ୟାଳୟର ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ତାହା କାୟମ ରଖିଥିଲେ।



କାୟମ ରଖିଥିବା ସତ୍ତ୍ୱେ ମିତାରାଣୀ ୨୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଏହି ବିଜୟକୁ ନେଇ ମୀନୁ ବେହେରା ପରଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ଆଶ୍ରୟ ନେଇଥିବା ବେଳେ ନିର୍ବାଚନ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ମୀତାରାଣୀ ସାହୁ ଓ ରଞ୍ଜିତା ବିଶ୍ୱାଳଙ୍କୁ ପକ୍ଷଭୁକ୍ତ କରିଥିଲେ। ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ପରେ ତା ୧୧/୯/୨୯୨୩ ରିଖ ଦିନ ପରଜଙ୍ଗ ସିଭିଲ ଜଜ୍ ଜୁନିଅର ଡିଭିଜନ ତତ୍କାଳୀନ ବିଚାରପତି ତ୍ରିଜୀବ କୁମାର ନନ୍ଦ ଜୟପୁରାକାଟେଣୀ ସରପଞ୍ଚଙ୍କୁ ଅସିଦ୍ଧ ଘୋଷଣା କରିଥିଲେ। ଯାହାକୁ ନେଇ ଅସିଦ୍ଧ ଘୋଷଣା ହୋଇଥିବା ସରପଞ୍ଚ ଶ୍ରୀମତୀ ସାହୁ ଉପରିସ୍ଥ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। କାମାକ୍ଷାନଗର ଅତିରିକ୍ତ ଦୌରା ଜିଲ୍ଲା ଅଦାଲତ ଅସିଦ୍ଧ ଉପରେ ସ୍ଥଗିତାଦେଶ ଜାରି କରିଥିବା ବେଳେ ବୁଧବାର ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କରି ଶ୍ରୀମତୀ ସାହୁଙ୍କ ଅସିଦ୍ଧ ସ୍ଥଗିତାଦେଶକୁ ରଦ୍ଦ କରିଛନ୍ତି ବୋଲି ଅଭିଯୋଗକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ପ୍ରେମାନନ୍ଦ ସାହୁ ସୂଚନା ଦେଇଥିଲେ। ଆଇନଜୀବୀ ଅଶୋକ ଦାସ ମଧ୍ୟ ମାମଲା ପରିଚାଳନାରେ ସହଯୋଗ କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ତାଳଚେର ସହର, ୨୧।୨(ସମିସ):** ପବିତ୍ରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠ ଦିବସୀୟ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ୍ ଶିବିରର ଉଦଯାପନୀ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ମମତା ପ୍ରଧାନ ଆତ୍ମରକ୍ଷାର ବିଭିନ୍ନ ଉପାୟ ଓ ଉପଯୋଗିତା ସମ୍ବନ୍ଧରେ ସୂଚନା ଦେଇଥିଲେ। ଲକ୍ଷ୍ମୀ ସାହୁ ଆତ୍ମରକ୍ଷା ପ୍ରଶିକ୍ଷିକା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଯାଦବ କୁମାର ସାହୁ, ଇଂ ହେମନ୍ତ କୁମାର ଶତପଥୀ, ଜିତେନ ବେହେରା, ବିଜୟ କୁମାର ସାହୁ, ସୁମନ୍ତ କୁମାର ସାହୁ, ଧନଞ୍ଜୟ ସିଂହ, ସୁଶାନ୍ତ କୁମାର ପ୍ରଧାନ, ଅଧ୍ୟାପିକା ରୋହିଣୀ ମିଶ୍ର, ସୁମିତ୍ରା ପ୍ରଧାନ, ଗ୍ରନ୍ଥାଧିକାରୀ ବୈକୁଣ୍ଠ ବିହାରୀ ସାହୁ, ଡେମୋନଷ୍ଟ୍ରେଟର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡମ୍ବରୁଧର ନାଥ ଯୋଗଦେଇ ଆତ୍ମରକ୍ଷାର ଆବଶ୍ୟକତା ବିଷୟରେ ମତବ୍ୟକ୍ତ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଗଣିତ ଅଧ୍ୟାପକ ରବୀନ୍ଦ୍ର କୁମାର ଗଡ଼ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

● ପଞ୍ଚଧାରା ସାମ୍ବାଦିକ ସଂଘର ତୃତୀୟ ବର୍ଷ ପୂର୍ତ୍ତି

## ସୁନୀଲ ସଭାପତି, ମନୋଜ ସମ୍ପାଦକ ମନୋନୀତ




**ଆଠମଲ୍ଲିକ, ୨୧।୨(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ସାମ୍ବାଦିକ ସଙ୍ଘ ଆଜି ତୃତୀୟ ବର୍ଷରେ ପହଞ୍ଚିଛି। ଏହି ଅବସରରେ ଆଠମଲ୍ଲିକ ଅଞ୍ଚଳର ନୂତନ ସାମ୍ବାଦିକମାନେ ଆଜି ପଞ୍ଚଧାରା ସାମ୍ବାଦିକ ସଂଘରେ ଯୋଗଦାନ କରିଥିଲେ। ଆଜି ଆଠମଲ୍ଲିକ ପଞ୍ଚଧାରା ସାମ୍ବାଦିକ ସଂଘର ପୁନର୍ବାର ନିର୍ବାଚିତ ହୋଇଥିଲା। ପୁଣି ଥରେ ପଞ୍ଚଧାର ସାମ୍ବାଦିକ ସଙ୍ଘର ସଭାପତି ସୁନୀଲ କୁମାର ମହାନ୍ତିଙ୍କୁ ସଙ୍ଘର ସଭାପତି ଭାବେ ଆଠମଲ୍ଲିକ ଅଞ୍ଚଳର ସମସ୍ତ ସାମ୍ବାଦିକ ଚୟନ କରିଥିଲେ। ସେଇଭଳି ପୁନର୍ବାର ମନୋଜ କୁମାର ପ୍ରଧାନ ପୁଣି ସଂଘର ସମ୍ପାଦକ ଭାବେ ବିବେଚିତ ହୋଇଥିଲେ। ଉପ ସଭାପତି ଯଯାତି କିଶୋରି ସାହୁ, ସହ ସମ୍ପାଦକ ଭାବେ ସନ୍ତୋଷ ମେହେର, ସଙ୍ଘର ବରିଷ୍ଠ ନିରୀକ୍ଷକ ଭାବେ ଶ୍ୱେତ କୁମାର ରଥ ଚୟନ ହୋଇଥିଲେ।

# ବିଡିଓଙ୍କ ଅସହଯୋଗକୁ ନେଇ ସରପଞ୍ଚଙ୍କ ଧାରଣା

**କିଶୋରନଗର, ୨୧।୨(ସମିସ):** କିଶୋରନଗର ବ୍ଲକର ସମସ୍ତ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବିଡିଓ। ୨ ବର୍ଷରେ ୩ ଟି ସମିତି ବୈଠକ ଆଉ ସମିତି ବୈଠକ ଡକାଯାଇ ବିନା ବୈଠକରେ ବ୍ଲକ କଲୋନୀ ଓ କାର୍ଯ୍ୟାଳୟରେ ଚୁନ ମାରି ଲକ୍ଷ ଲକ୍ଷ ଟଙ୍କା ଫଲସ ବିଲ କରାଯିବା, ଜନପ୍ରତିନିଧିଙ୍କ ପାଇଁ କମନ ରୁମ ଓ ଶୌଚାଳୟ କରାନଯିବା। ବ୍ଲକକୁ ସାଧାରଣ ଜନତାଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରା ନଯିବା। ବିଭିନ୍ନ ସରକାରୀ କାର୍ଯ୍ୟରେ ସରପଞ୍ଚଙ୍କୁ ବିଡିଓ ବାଧାଦେବା। ଜଗନ୍ନାଥ ରଥ ପରିକ୍ରମା କାର୍ଯ୍ୟକ୍ରମ, ଭାଷା କାର୍ଯ୍ୟକ୍ରମ, ଖେଳକୁଦ କାର୍ଯ୍ୟକ୍ରମ ଓ ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର ଆୟୋଜନ ବାବଦରେ ହୋଇଥିବା ଖର୍ଚ୍ଚ ବିଡିଓ ସରପଞ୍ଚ ମାନଙ୍କୁ ପୈଠ ନକରିବା ଆଦି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଡିଓଙ୍କ ଅଫିସ ସମ୍ମୁଖରେ ଆଜି ୨ ଘଣ୍ଟା ଧରି ସରପଞ୍ଚମାନେ ଧାରଣାରେ ବସିଥିଲେ। ଏହି ଧାରଣାରେ ବାମୁର ସରପଞ୍ଚ ସଂଜୀବ ପ୍ରଧାନ, ଧଡରପାଳର କ୍ଷମାନିର୍ଧି ପ୍ରଧାନ, ଠେଲକନାନାଳୀର ଅମୀତ ସାହୁ, ଝରାବେରଣୀର ଶରତ ପ୍ରଧାନ, ଆମ୍ବପାଳର ସୁଲୋଚନା ବୀର, ଗାଁ ବଇଣ୍ଡାର ସସ୍ମୀତା ସାହୁ, ହିମିତିରାର, ସୁମିତ୍ରା ସେଠୀ, ରଣିଆକଟାର ସୁଲୋଚନା ପ୍ରଧାନ, ବିଲେଇନାଳୀର ବବୀତା ପ୍ରଧାନ, ସଂଜାମୁରାର କମଳା ପ୍ରଧାନ, ହଣ୍ଡପାର ରଶ୍ମୀତା ପ୍ରଧାନ, ଓକ୍ଷାପାଲ୍ଲୀର ବିଜୟିନୀ ସାହୁ ପ୍ରମୁଖ ସାମିଲ୍ ଥିଲେ। ବିଡିଓ ବିନୋଦ ବିହାରୀ ବେହେରା ସମ୍ପୃକ୍ତ ପିଇଓ ଙ୍କୁ ଧାରଣା ସ୍ଥଳକୁ ଡାକି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଗୁଡିକ ଆୟୋଜନ କରିଥିବା ସରପଞ୍ଚମାନଙ୍କ ବକେୟା ବିଲ ଶିଘ୍ର ପୈଠ କରାଯିବ ବୋଲି କହିବା ସହ ଅନ୍ୟାନ କାମ ଯଥାଶୀଘ୍ର କାର୍ଯକାରୀ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣାରୁ ସରପଞ୍ଚମାନେ ହଟି ଥିଲେ। ସମିତି ବୈଠକ ବ୍ଲକ ଅଧ୍ୟକ୍ଷା ନିଷ୍ପତ୍ତି ନେବେ ବୋଲି କହି ଧାରଣାରତ ସରପଞ୍ଚମାନଙ୍କୁ ବିଡିଓ ସଫେଇ ଦେଇଥିଲେ।



# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

**ଢେଙ୍କାନାଳ, ୨୧।୨ (ସମିସ):** ସଦର ବ୍ଲକ ଅନ୍ତର୍ଗତ କାଙ୍କଡ଼ପାଳ ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରିଖାଲ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଢେଙ୍କାନାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେସନ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ର "ମୁଁ ଓଡ଼ିଆ ମୋ ଭାଷା ବଡ଼ିଆ" ସହିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଗୁରୁଦେବଜୀ ଫାଉଣ୍ଡେସନ ଅଧ୍ୟକ୍ଷ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ, ସାଂସ୍କୃତିକ ସଂଯୋଜକ ବିଜୟ ମିଶ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସହ ପ୍ରଧାନ ଆଚାର୍ଯ୍ୟା କନକଲତା ପ୍ରଧାନ, ଶକ୍ତି ବାହିନୀର ସଦସ୍ୟା ମମତା ମହନ୍ତ ସାମିଲ ହୋଇ ଆଲୋଚନାଚକ୍ରକୁ ପରିଚାଳନା କରିବା ସହ ଓଡ଼ିଆ ଭାଷାର କିଭଳି ଆହୁରି ପ୍ରସାର ପ୍ରଚାର ହେବା ସହ ବ୍ୟାପକ ବ୍ୟବହାର କରିବା ପାଇଁ ଅତିଥିମାନେ ମତରଖିଥିଲେ। ପରେ ପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ଆଲୋଚନାଚକ୍ରକୁ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ନାୟକ, ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ ଫାଉଣ୍ଡେସନର ସଦସ୍ୟ ସଦସ୍ୟା ଉପସ୍ଥିତ ରହି ସଫଳ କରିଥିଲେ।



# ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସେମିନାର




**ଭୁବନ, ୨୧।୨ (ସମିସ):** ଭୁବନ ବ୍ଲକର ଦୀଘି ଗ୍ରାମପଞ୍ଚାୟତ ଠାରେ ବିଶ୍ୱ ଯୁବ କେନ୍ଦ୍ର, ଫାନ୍ସା, ଆଇଆଇୱାଇଡି ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଦୀଘି ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରବୋଧ କୁମାର ଦାଶ ଏହାକୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୭୦ରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ନାରୀନେତ୍ରୀ ପ୍ରତିମା ସାମଲ, ରଞ୍ଜୁବାଳା, ମହାସଂଘର ସଭାନେତ୍ରୀ ସୁମିତ୍ରା ଲେଙ୍କା ଦିଗ୍ଦର୍ଶନ କରିଥିଲେ। ସ୍ଥାନୀୟ ଉଦ୍ୟୋଗୀ ରଞ୍ଜିତା ନିଜର ସଫଳତା ବର୍ଣ୍ଣନା କରିଥିଲେ। ସମାଜସେବୀ ତଥା ସ୍ୱେଚ୍ଛାସେବୀ ସ୍ୱପ୍ନାରାଣୀ ଜେମସ୍ ନାରୀମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଉପଦେଶ ଦେଇଥିଲେ। ଆଇଆଇୱାଇଡର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଦୀର୍ଘ ସମୟ ଧରି ମହିଳାମାନଙ୍କୁ ଅନେକ ସାରଗର୍ଭକ ଅଭିଭାଷଣ ଦେଇ ମାର୍ଗଦର୍ଶନ କରିଥିଲେ। ଆଶୀର୍ବାଦ ଅନୁଷ୍ଠାନ ସେକ୍ରେଟାରୀ ଅମ୍ବିକା ପ୍ରସାଦ ମିଶ୍ର, ସ୍ୱାଗତ ଭାଷଣ, ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶୀର୍ବାଦ ସ୍ୱେଚ୍ଛାସେବୀ ଅନୁଷ୍ଠାନର ବନଜା ମାନସିଂ, ଝିଲି ଦାସ, ରଞ୍ଜୁବାଳା, ଶକୁନ୍ତଳା, ରଞ୍ଜନ ସାହୁ ଏବଂ ଖଗେଶ୍ୱର ରାଉତ ପରିଚାଳନାରେ ସହଯୋଗ କରିଥିଲେ।

# 'ସମ୍ଭାବନା ପ୍ରତି ଆଗ୍ରହ ଛାତ୍ରଛାତ୍ରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରେ'

**କୋରେଇ, ୨୧।୨(ସମିସ):** ସ୍ୱପ୍ନ ଓ ସମ୍ଭାବନା ହେଉଛି ଛାତ୍ରଛାତ୍ରୀଙ୍କ ଜୀବନର ପରିଚୟ। ଏଣୁ ସ୍ୱପ୍ନ ଦେଖିବା ସହିତ ସମ୍ଭାବନା ପ୍ରତି ଆଗ୍ରହ ହିଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁଯୋଗ ସୃଷ୍ଟି କରେ। ଏ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ବେଗନାସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚତୁର୍ଥ ବାର୍ଷିକ ଉତ୍ସବରେ 'ସମ୍ଭାବନା-୨୦୨୪' କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଭ୍ରମରବର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଜବହାର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଦୀକ୍ଷାଜ୍ୟୋତି ମିଶ୍ର, ସମ୍ମାନିତ ଅତିଥି ଭାବେ କୋରେଇ ବିଡିଓ ଅଶୋକ କୁମାର ମାଝୀ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, କୋରେଇ ବିଇଓ ସୁଦର୍ଶନ ମଲ୍ଲିକ, କୋରେଇ ଥାନା ଅଧିକାରିଣୀ ସୁମନ୍ତି ମହାନ୍ତି ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୋଡାଲ ଅଧ୍ୟକ୍ଷ ଦିଲ୍ଲୀପ କୁମାର ସାହୁ ଯୋଗ ଦେଇଥିଲେ। ପ୍ରତି ପିଲାଙ୍କ ମଧ୍ୟରେ ଅନେକ ପ୍ରତିଭା ଅଛି। କିନ୍ତୁ ତାହା ବିକଶିତ ହୋଇପାରୁନାହିଁ। ଏହାକୁ ବିକଶିତ କରିବାକୁ ହେଲେ ସ୍ୱପ୍ନ ଦେଖିବା ଉଚିତ୍। ଏହି ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାକୁ ହେଲେ ସମ୍ଭାବନା ପ୍ରତି ଆଗ୍ରହ ବଢ଼ିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏ ବର୍ଷର କୃତି ଛାତ୍ରୀ ଭାବେ ଅକ୍ଷଜା ସେଠୀ ଓ ବେଷ୍ଟ ହାଉସ୍ ଅଫ୍ ଦ ସେକ୍ସନ ଭାବେ ସୁବର୍ଣ୍ଣରେଖାକୁ ପୁରସ୍କୃତ କରାଯାଇଛି। ଶିକ୍ଷକ କ୍ଷତୀଶ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଏମଏସ ପାର୍ଥସାରଥି, ଶୁଭଶ୍ରୀ ଦାଶ, ମାସା ପ୍ରଧାନ, ସୁମିତ୍ରୋ ବେହେରା, ପ୍ରଦୀପ କୁମାର ରଣା, ଗାୟତ୍ରୀବାଳା ପରିଡ଼ା, ବିନୋଦ ବିହାରୀ ଆଇଚ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରସାୟନ ବିଭାଗ ଶିକ୍ଷକ ଏମଡି ମୁର୍ତେଜ ଖାଁ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଜ୍ଞାନପ୍ରଭା ମିଶନର ଢେଙ୍କାନାଳ ଶାଖା ଉଦ୍‌ଘାଟିତ

**ଢେଙ୍କାନାଳ, ୨୧।୨ (ସମିସ)**

ସ୍ଥାନୀୟ ଜ୍ଞାନପ୍ରଭା ମିଶନର ଢେଙ୍କାନାଳ ଶାଖାରେ ହରିହରାନନ୍ଦ ମାତୃ ଆଶ୍ରମ, ବିଶ୍ୱ ବିଖ୍ୟାତ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ମାତୃ ସମାଜର ମଙ୍ଗଳ ଉଦ୍ଦେଶ୍ୟ ନେଇ ଗଠିତ ହୋଇଥିବା ଜ୍ଞାନପ୍ରଭା ମିଶନ ଅନେକ ସମାଜ ସଂସ୍କାର ମୂଳକ କାର୍ଯ୍ୟକରି ଓଡ଼ିଶାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ଢେଙ୍କାନାଳ ଶାଖା, ନାଉକିଆରି ଠାରେ ହରିହରାନନ୍ଦ ମାତୃ ଆଶ୍ରମର ଧର୍ମ ପରାୟଣା, ସମାଜସେବୀ ମାଆ ବିମଳି ଦାଶଙ୍କ ପୃଷ୍ଠ ପୋଷକତାରେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟା ସମୟରେ ଆୟୋଜିତ ହୋଇଥିବା ସତ୍ସଙ୍ଗରେ ଯୋଗଦାନ କରି ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଏହି ଅନୁଷ୍ଠାନଟି ମାଆ ମାନଙ୍କର, ମାଆ ମାନଙ୍କ ଦ୍ୱାରା ଓ ମାଆମାନଙ୍କ ପାଇଁ ବୋଲି ପ୍ରକାଶ କରି କହିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବରେ ଅଶ୍ୱିନୀ କୁମାର ପତି ଯୋଗଦାନ କରି ମାତୃଶକ୍ତି ତଥା ଗାୟତ୍ରୀମାତାଙ୍କ ମହିମାଗାନ କରିଥିଲେ। ହରିହରାନନ୍ଦ ମାତୃ ଆଶ୍ରମର ପୃଷ୍ଠପୋଷିକା ବିମଳି ଦାଶ ତାଙ୍କର ଆଧ୍ୟାତ୍ମିକ ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ସତ୍ସଙ୍ଗ କାର୍ଯ୍ୟକ୍ରମକୁ ବିୟଲକ୍ଷ୍ମୀ ଜେନା ପରିଚାଳନା କରିଥିବା ବେଳେ ଜ୍ଞାନପ୍ରଭା ମିଶନର ଉପାଧ୍ୟକ୍ଷା ସ୍ୱାମୀ ଜ୍ଞାନସ୍ୱରୂପାନନ୍ଦ ବିବରଣୀ ପାଠ କରିଥିଲେ ଓ ଯୁଗ୍ମ ସମ୍ପାଦକ ସ୍ୱାମୀ ଗିରିଜାନନ୍ଦ ଗିରି ବକ୍ତବ୍ୟ ରଖିଥିଲେ। ଏହି ପ୍ରତିଷ୍ଠା ଦିବସ ଉତ୍ସବରେ ପ୍ରଜ୍ଞାନ ମିଶନର ଅଧ୍ୟକ୍ଷା ସ୍ୱାମୀ ଗୁରୁକୃପାନନ୍ଦ ଗିରି ଯୋଗଦାନ କରି ଆଶୀର୍ବାଦ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଆଇନଜୀବୀ ଦୀପ୍ତିଶ ପଟ୍ଟନାୟକ, ଶରତ ବାବୁ, ଜ୍ଞାନପ୍ରଭା ମିଶନର ସ୍ୱାମୀ ଜ୍ୟୋତିର୍ମୟାନନ୍ଦ ଗିରି, ସ୍ୱାମୀ ସତ୍ୟମୟାନନ୍ଦ ଗିରି, ସ୍ୱାମୀ ସତ୍ୟମୟାନନ୍ଦ ଗିରି, ସ୍ୱାମୀ ଶାରଦାନନ୍ଦ ଗିରି, ସ୍ୱାଧିନ ସାମଲ, ରେଣୁବାଳା ପାଲ୍ ପ୍ରମୁଖ ପରିଚାଳନା କରିଥିଲେ।




# ବାଲିକୁଦା ଲୋକକଳା ମହୋତ୍ସବ ଉଦ୍‌ଘାଟିତ

**ବାଲିକୁଦା,୨୧।୨(ସମିସ):** ବାଲିକୁଦା ଲୋକ ମହୋତ୍ସବ ଆଜି ଉଦଘାଟିତ ହୋଇଯାଇଛି।ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି ଙ୍କ ସଭାପତିତ୍ୱ ରେ ଆୟୋଜିତ ଉକ୍ତ ଉତ୍ସବରେ ବାଲିକୁଦା ଏରସମା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉରୀ,ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଦାସ, ଜିଲାପରିଷଦ ଜଟାଧାରୀ ଦାସ, ତଟିନା ସ୍ୱାଇଁ, ରୁନିଲତା ବେହେରା, ଡଲି ପଣ୍ଡା, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମିତି ସଭ୍ୟା ଯାଜ୍ଞସେନି ରାଉତ ପ୍ରମୁଖ ଯୋଗ ଦେଇ ପ୍ରଥମ ଥର ଆରମ୍ଭ ହୋଇଥିବା ଏହି ଲୋକ ମହୋତ୍ସବ ବାବଦରେ ଆଲୋଚନା କରିଥିଲେ।ଏହି ଉତ୍ସବ ରେ ସମସ୍ତ ପଞ୍ଚାୟତର ଜନପ୍ରତିନିଧିଙ୍କ ସହ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି ମହୋତ୍ସବର ଆନନ୍ଦ ନେଇଥିଲେ।

# ପ୍ରଧାନଶିକ୍ଷକଙ୍କୁ ରାଜ୍ୟସ୍ତରୀୟ ଚାଣକ୍ୟ ସମ୍ମାନ

**କୁଜଙ୍ଗ,୨୧।୨(ସମିସ):** ରାଜ୍ୟ ଏଲିମେଣ୍ଟାରୀ ଟିଜି ଶିକ୍ଷକ ସଂଘ ତରଫରୁ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକର ବିଶିଷ୍ଟ ଶିକ୍ଷକ ନେତା ଅଶୋକ କୁମାର ସ୍ୱାଇଁଙ୍କୁ ସଂଘର ସପ୍ତମ ସାମ୍ବିଧାନିକ ବୈଠକରେ ରାଜ୍ୟସ୍ତରୀୟ ଚାଣକ୍ୟ ସମ୍ମାନରେ ସମ୍ମାନୀତ କରାଯାଇଛି। କଟକ ବାବା ସାଗର ବିଦ୍ୟାପୀଠରେ ଆୟୋଜିତ ସଭାରେ ରାଜ୍ୟ ସ୍ତରୀୟ ସମ୍ମାନ ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଛି। ଶିକ୍ଷକତା ଜୀବନ ସାରା ଶିକ୍ଷକମାନଙ୍କ ଉନ୍ନତି ଓ ଶିକ୍ଷା କ୍ଷେତ୍ରରେ ଆଣିଥିବା ବୈପ୍ଳବିକ ପରିବର୍ତ୍ତନ, ନିଜର ନିଆରା ଶିକ୍ଷା ଶୈଳୀ ଓ ପ୍ରୟୋଗ ପାଇଁ ଏହି କୃତୀ ପ୍ରଧାନ ଶିକ୍ଷକଙ୍କୁ ସଂଘ ପକ୍ଷରୁ ଏହା ଶ୍ରେଷ୍ଠ ସମ୍ମାନ ବୋଲି ସଂଘର ନେତା ମାନେ ପ୍ରକାଶ କରିଛନ୍ତି । ରାଜ୍ୟ ସଂଘର ସଭାପତି ଲକ୍ଷ୍ମଣ କୁମାର ମହାନ୍ତିଙ୍କ ପୌରହିତ୍ୟରେ ସମ୍ପାଦକ ମୁରଲୀଧର ନାୟକ, ଜୋନାଲ ସମ୍ପାଦକ ଜକିରୀ ହୁସେନ, ଶିକ୍ଷକନେତା ବାମଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅଶୋକ ସାର୍‌ଙ୍କୁ ଏହି ସମ୍ମାନ ମିଳିବା ପରେ ଜଗତସିଂହପୁର ଜିଲ୍ଲା ସଂଗଠନ ସହ ରାଜ୍ୟ ସଂଘର କର୍ମକର୍ତ୍ତା ମାନେ ତାଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି।

# ଆଇନଜୀବୀଙ୍କ ବିୟୋଗରେ ଶୋକସଭା



**ଜଗତସିଂହପୁର,୨୧।୨(ସମିସ):** ଜିଲ୍ଲା ଓକିଲ ସଂଘର ସଦସ୍ୟ ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ନାରାୟଣ ପ୍ରଧାନଙ୍କ ବିୟୋଗରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଓକିଲ ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓକିଲ ସଂଘ ସଭାପତି ଆଇନଜୀବୀ ଦେବେନ୍ଦ୍ରନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ମହାନ୍ତି,ଗୋରାଚାନ୍ଦ୍ କାନୁନଗୋ, ବିଳାସ ଚନ୍ଦ୍ର ଲେଙ୍କା,ସୌରୀ ପ୍ରସାଦ ସ୍ୱାଇଁ, ପ୍ରମୋଦ କୁମାର ସ୍ୱାଇଁ, ଶ୍ରୀକାନ୍ତ ନନ୍ଦ, ଦୋଳଗୋବିନ୍ଦ ଦାଶ, ସୁଧୀର ଚନ୍ଦ୍ର ଖୁଣ୍ଟିଆ,ସଲିଲ୍ କୁମାର ଘୋଷ୍, ପିତାମ୍ବର ପଣ୍ଡା, ସୁଧାଂଶୁ ମୋହନ ମିଶ୍ର ଓ ସଂପାଦକ ନରେଶ ଦାସ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆଇନଜୀବୀ ନାରାୟଣ ପ୍ରଧାନଙ୍କ ସ୍ମୃତି ଚାରଣ କରିଥିଲେ। ଆଇନଜୀବୀ ନାରାୟଣ ପ୍ରଧାନ ଦୀର୍ଘ ଦିନ ଧରି ଶଯ୍ୟାଶାୟୀ ଥିଲେ। ଗତ ଶନିବାର ରାତିରେ ତାଙ୍କର ବିୟୋଗ ଘଟିଥିଲା। ଏହି ଅବସରରେ ଶତାଧିକ ଆଇନଜୀବୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ପାରାଦୀପ,୨୧।୨(ସମିସ):** କାର୍ଯ୍ୟରତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, କାର୍ଯ୍ୟରତ ସମୟରେ ଅନୁଦାନ ଏବଂ ପେନସନ ପ୍ରଦାନ, ଭୁବନେଶ୍ୱରରେ ସାମ୍ବାଦିକ ଅତିଥି ଭବନ ନିର୍ମାଣ ପାଇଁ ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ଜଗତ୍‌ସିଂହପୁର ଜିଲ୍ଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଫେବୃଆରୀ ୨୧ ବୁଧବାର ପୂର୍ବାହ୍ନରେ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ରାଉତ, ସାଧାରଣ ସମ୍ପାଦକ ଶ୍ରୀ ସଞ୍ଜୟ କୁମାର ମିଶ୍ର , ରାଜ୍ୟ ସାମ୍ବାଦିକ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ତଥା ଜିଲ୍ଲା ଶାଖାର ମୁଖ୍ୟ ଉପଦେଷ୍ଟା ଶ୍ରୀ ଗଗନ ବିହାରୀ ସାହୁ, ସହ ସମ୍ପାଦକ ଶ୍ରୀ ପ୍ରଭାତ କୁମାର ମହାପାତ୍ର, ଉପ ସଭାପତି ଶ୍ରୀ ହରିଶ୍ଚନ୍ଦ୍ର ଲେଙ୍କା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶ୍ରୀ ସିଦ୍ଧେଶ୍ୱର ସ୍ୱାଇଁ, ଅରୁଣ କୁମାର ଓଝା।କୋଷାଧ୍ୟକ୍ଷ ଶ୍ରୀ ଜଗନ୍ନାଥ ଶତପଥୀ। ପ୍ରଶାନ୍ତ କୁମାର ରାଉତ,(ପ୍ରତିଦିନ ) ସତ୍ୟଶିବ ପରିଡା ପ୍ରମୁଖ ଏକ ନୀରବ ଶୋଭାଯାତ୍ରାରେ ଯାଇ ମଧୁବନ ସ୍ଥିତ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ପ୍ରଦାନ କରିଥିଲେ।

# ଜଗତସିଂହପୁରରେ ଗଡ଼ିଲା ୭ ଲକ୍ଷ୍ମୀ ବସ୍



- ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ, ଆଗକୁ ଜିଲ୍ଲାରେ ଚାଲିବ ୪୦ ବସ୍
- ୧୩୧ ପଞ୍ଚାୟତର ଲୋକ ହେବେ ଉପକୃତ



**ଜଗତସିଂହପୁର,୨୧।୨(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ପୂର୍ବାହ୍ନରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ବିଭିନ୍ନ ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ଜଗତସିଂହପୁର ଜିଲ୍ଲାରେ ଏହି ଅବସରରେ ୭ଟି ବସର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ ଆମର ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବ। ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍‌ରେ ଯିବା ଆସିବା କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇ ଲକ୍ଷ୍ମୀ ବସ୍ ଦ୍ୱାରା ଗ୍ରାମାଞ୍ଚଳର ବିକାଶ ଏକ ନୂଆ ରୂପ ନେବ ବୋଲି କହିଥିଲେ। ସରକାରୀ ମୁଖ୍ୟ ସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କହିଥିଲେ ଯେ, ଆଜି '୫-ଟି' ଦ୍ୱାରା ରାଜ୍ୟରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ଲକ୍ଷ୍ମୀ ବସ୍ ଜରିଆରେ ଜଗତସିଂହପୁର ଜିଲ୍ଲାର ଗ୍ରାମାଞ୍ଚଳରେ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ଘଟିବ, ବିଶେଷ କରି ପ୍ରତ୍ୟେକ ଘରର ଲକ୍ଷ୍ମୀମାନେ ଏହି ବିକାଶ ଯାତ୍ରାରେ ସାମିଲ ହୋଇପାରିବେ। ଜଗତସିଂହପୁର ସାଂସଦ ଡ. ରାଜଶ୍ରୀ ମଲ୍ଲିକ ନାରୀମାନଙ୍କ ବିକାଶ ଓ ଉନ୍ନତି ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଜିଲ୍ଲା ରେ ଆଜି ୭ ଟି ଲକ୍ଷ୍ମୀ ବସ୍ ଶୁଭାରମ୍ଭ ହୋଇଛି ଯାହା ନାଉଗାଁ, କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ବିରିଡ଼ି, ଏରସମା ଓ ବାଲିକୁଦା ବ୍ଲକ୍ ମୁଖ୍ୟାଳୟକୁ ଗ୍ରାମ ପଞ୍ଚାୟତ ସହ ସଂଯୋଗ କରିବ। ଆସନ୍ତା କାଲି ଠାରୁ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୫ ଟାରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ଏହି ବସ୍ ଚଳାଚଳ ହେବ। ପ୍ରାଥମିକ ସ୍ତରରେ ୭ ଟି ବସ୍ ଆସିଥିବା ବେଳେ ଆଗକୁ ମୋଟ ୪୦ ଟି ବସ୍ ଜିଲ୍ଲା ରେ ବ୍ଲକ୍ ମୁଖ୍ୟାଳୟ କୁ ଜିଲ୍ଲା ସଦର ମହକୁମା ସହ ଯୋଡ଼ିବାର ବ୍ୟବସ୍ଥା ରହିଛି ଯାହାଦ୍ୱାରା ୧୩୧ଟି ପଞ୍ଚାୟତର ୭ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ। ଷ୍ଟାଡିୟମ୍ ଠାରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରିବା ପରେ ଅତିଥି ମାନେ ତିର୍ତ୍ତୋଲ ବ୍ଲକ୍ ର ମୂଳିସିଂହ ଠାରେ ବସ୍ ରହଣି ସ୍ଥଳକୁ ଉଦଘାଟନ କରିଥିଲେ।

ଜିଲ୍ଲା ସ୍ତରରେ ଏହି ବସ୍ ସେବା ଶୁଭାରମ୍ଭ ଅବସରରେ ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ବାଲିକୁଦା ଏରସମା ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ରଘୁନନ୍ଦନ ଦାସ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲ୍ଲାପାଳ ପାରୁଲ ପଟାୱରି ଉପସ୍ଥିତ ଥିଲେ।

ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ କୁମାର ମହାନ୍ତି ଓଏସ୍‌ଆରଟିସିର ଇଷ୍ଟେଟ ଅଫିସର ସନ୍ତୋଷ ଶତପଥୀ, ଡିଷ୍ଟ୍ରିକ୍ଟ ମ୍ୟାନେଜର ଇତିଶ୍ରୀ ପ୍ରିୟଦର୍ଶିନୀ ବିଶ୍ୱାଳ, ସିଏସଏଲ ଅପରେଟର ଆଶିଷ ଦିବ୍ୟରଞ୍ଜନ, ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ଅରବିନ୍ଦ ଆଚାର୍ଯ୍ୟ ତଥା ଜିଲ୍ଲା ପରିବହନ ବିଭାଗ ଓ ଓଏସ୍‌ଆର୍‌ଟିସି ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

### କୁଜଙ୍ଗରେ ଆର୍‌ଏସ୍‌ଏସ୍‌ର ଖଣ୍ଡ ସମ୍ମିଳନୀ

# 'ସଂସ୍କୃତିର ସୁରକ୍ଷା ବିନା ରାଷ୍ଟ୍ରର ଅଖଣ୍ଡତା ଅସମ୍ଭବ'

**କୁଜଙ୍ଗ,୨୧।୨(ସମିସ):** ବିଶ୍ୱର ସର୍ବ ବୃହତ୍ତ ସାଂସ୍କୃତିକ ଅନୁଷ୍ଠାନ ଆର୍‌ଏସ୍‌ଏସ୍ ପକ୍ଷରୁ କୁଜଙ୍ଗଠାରେ ଏକ ବ୍ଲକସ୍ତରୀୟ ସମ୍ମିଳନୀ ଅର୍ଥାତ କୁଜଙ୍ଗ ଖଣ୍ଡ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ସମ୍ମିଳନୀକୁ ବିଶିଷ୍ଟ ପ୍ରବଚକ ତଥା ସଂସ୍କୃତ ବିଦ୍ୱାନ ପଣ୍ଡିତ ଭାବଗ୍ରାହୀ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହ ସଂସ୍କୃତି ଓ ପରମ୍ପରା ବଞ୍ଚିଲେ ରାଷ୍ଟ୍ରର ଏକତା ଓ ଅଖଣ୍ଡତା ଅଧିକ ସମୃଦ୍ଧ ହେବ ବୋଲି କହିଥିଲେ । ମୁଖ୍ୟ ଅତିଥି ରୂପେ ସଂଘର କଟକ ବିଭାଗର ବିଭାଗ ବୌଦ୍ଧିକ ପ୍ରମୁଖ ବିଜୟ କୁମାର ନାୟକ ଯୋଗଦେଇ ଆଉ ଏକ ବର୍ଷରେ ସଂଘ ଶତାୟୁ ଅନୁଷ୍ଠାନ ହେବ। ଏହି ଦୃଷ୍ଟିରୁ ସଂଘର କାର୍ଯ୍ୟକୁ ସର୍ବଗ୍ରାହୀ ଓ ସର୍ବସ୍ପର୍ଶୀ କରାଇବା ନେଇ ଉପସ୍ଥିତ ଶତାଧିକ ସ୍ୱୟଂ ସେବକଙ୍କୁ ମାର୍ଗଦର୍ଶନ କରିବା ସହ ରାମ ଜନ୍ମଭୂମି ମୁକ୍ତି ଆନ୍ଦୋଳନ ଆଜି ସଫଳ ହୋଇଥିବାରୁ ଏହି ଦୈବୀ ଯଜ୍ଞ କାର୍ଯ୍ୟରେ ନିଜ ଜୀବନକୁ ଆହୁତି ଦେଇଥିବା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସଂଘ ତାର ଆଦର୍ଶ ଓ ଲକ୍ଷରେ ବିଗତ ଏକ ଶହ ବର୍ଷ ହେଲା ଚରୈବେତି ଭାବନା ଚାଲିଛି ଓ ସମୃଦ୍ଧ ହୋଇ ଚାଲିଛି। ଏବେ ଆମକୁ ସଂକଳ୍ପ ନେବାର ସମୟ ଆସିଛି ରାଷ୍ଟ୍ରକୁ ପରମ ବୈଭବଶାଳୀ କରି ଗଢି ତୋଳିବାର। ଏହି କାର୍ଯ୍ୟକ୍ରମରେ ଖଣ୍ଡ କାର୍ଯ୍ୟବାହ ବିପିନ କୁମାର ମିଶ୍ର(ବୁବା) ପୌରହିତ୍ୟ କରିଥିବା ବେଳେ ରାଉରକେଲା ବିଭାଗ ପ୍ରଚାରକ ସୁବ୍ରତ କୁମାର ସାମନ୍ତରାୟ, ଜିଲ୍ଲା ଶାରିରୀକ ପ୍ରମୁଖ ବାବାଜୀ ବେହେରା, ଜିଲ୍ଲା ମୁଖ୍ୟ ମାର୍ଗ ପ୍ରମୁଖ ରମାକାନ୍ତ ସାହୁ , କୃଷ୍ଣ ଚନ୍ଦ୍ର ମାଝୀ, କରୁଣାକର ସାହୁ, ଜିଲ୍ଲା ସହ ବୌଦ୍ଧିକ ପ୍ରମୁଖ ସାରଦା ପ୍ରସନ୍ନ ନାୟକ, ଖଣ୍ଡ ବୌଦ୍ଧିକ ପ୍ରମୁଖ ବିଚିତ୍ରାନନ୍ଦ ସୂତାର ପ୍ରମୁଖ ଉପସ୍ଥିତ ରହି ଏହି ଖଣ୍ଡ ସମ୍ମିଳନୀକୁ ପରିଚାଳନା କରିଥିଲେ।

# କୁଜଙ୍ଗରେ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ



**କୁଜଙ୍ଗ,୨୧।୨(ସମିସ):** କଟକ ପାରାଦ୍ୱୀପ ରାଜ୍ୟ ରାଜପଥର କୁଜଙ୍ଗ ଥାନା ଛକଠାରେ ଲକ୍ଷ୍ମୀ ବସଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଯାଇଛି। ୨ଲକ୍ଷ ୭୦ହଜାର ଟଙ୍କା ବ୍ୟୟ ଅଟକଳରେ ବସଷ୍ଟାଣ୍ଡର ରୂପାନ୍ତରଣ କାର୍ଯ୍ୟ ସମ୍ପନ୍ନ କରାଯାଇଥିବାବେଳେ ଆଜି କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ ନଡିଆ ବାଡେଇ ଶୁଭ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ପଞ୍ଚାୟତ ସମିତି ସଭ୍ୟ ସସ୍ମିତା ନାୟକ କବି ଗଂଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ




**ନାଉଗାଁ, ୨୧।୨(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଗଳଧାରୀ ପଞ୍ଚାୟତର ସରପଞ୍ଚ ଦିଲ୍ଲୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ 'ମୋ ଓଡିଶା ନବୀନ୍ ଓଡିଶା'ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାଉଗାଁ ବିଡିଓ ତପନ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଉପାଧ୍ୟକ୍ଷ ସୁଜିତ କୁମାର ପୁହାଣ, ଜିଲ୍ଲାପରିଷଦ ସଭ୍ୟା ମମତା ପରିଡା, ଡାବର ସମିତିସଭ୍ୟ ସୁବଳ ବେହେରା, ବଛାଳୋ ସମିତିସଭ୍ୟ ଚନ୍ଦନ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୁନିକୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ, ଗୀତ ମାଧ୍ୟମରେ ରାଜ୍ୟ ସରକାରଙ୍କ ଏହି ପଞ୍ଚାୟତରେ ହୋଇଥିବା ବିଭିନ୍ନ ଲୋକାଭିମୁଖି ଉନ୍ନୟନ ମୂଳକ କାର୍ଯ୍ୟକ୍ରମଗୁଡିକ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।

### ଏଏମ୍‌ଏନ୍‌ଏସ୍ କମ୍ପାନୀରେ ନିଯୁକ୍ତି ଦାବି

# ମେଳି ହେଲେଣି ଗ୍ରାମବାସୀ; ଧାରଣା ପାଇଁ ନିଷ୍ପତ୍ତି

**ପାରାଦୀପ,୨୧।୨(ସମିସ):** ଏ.ଏମ୍.ଏନ୍.ଏସ୍ କମ୍ପାନୀରେ ନିଯୁକ୍ତି ଦାବିରେ ମେଳି ହୋଇଛନ୍ତି ଭିମାନାସୀ ଗୋରଡି ଗ୍ରାମବାସୀ। ମା' ଶୀତଳା ଗ୍ରାମ୍ୟ ସୁରକ୍ଷା କମିଟି, ଭିମାନାସୀ ଗୋରଡି, ଉଦୟଭଟର ୭୦୦ ପରିବାର କମ୍ପାନୀ ପାଇଁ ବିସ୍ଥାପିତ ହେବାକୁ ଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ବିସ୍ଥାପିତ ପରିବାର ପାଇଁ ଏ ପର୍ଯ୍ୟନ୍ତ କୌଣସି ମୌଳିକ ସୁବିଧା ଯୋଗାଇ ନ ଦେବାରୁ ଗ୍ରାମବାସୀ ଆଜି ଏକତ୍ରିତ ହୋଇଛନ୍ତି। ପୂର୍ବରୁ ବିସ୍ଥାପିତଙ୍କ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ପରିବାରରୁ ଜଣକୁ ଚାକିରୀ ଦେବାପାଇଁ ପ୍ରଶାସନକୁ ଜଣାଇ ଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଚାକିରି ଦେବାପାଇଁ ରାଜି ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଗ୍ରାମରୁ ଜଣକୁ ଚାକିରି ମଧ୍ୟ ଦିଆଯାଇ ନାହିଁ। ଦୁଇ ମାସ ପୂର୍ବରୁ କମ୍ପାନୀ କରିଥିବା ଜନଶୁଣାଣିର ଠିକ ଦୁଇ ଦିନ ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମର ୩୦ ଜଣକୁ ଚାକିରି ଦେବାକୁ ପ୍ରତିଶୃତି ଦେଇଥିଲେ। ହେଲେ ଶୁଣାଣିକୁ ଦୁଇ ମାସ ବିତିଯାଇଥିଲେ ମଧ୍ୟ କମ୍ପାନୀ କୌଣସି ନିଯୁକ୍ତି କଥା ଚିନ୍ତା କରୁନାହାନ୍ତି। ଆମେ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପୁନର୍ବାର ନିଯୁକ୍ତି ପାଇଁ ଚିଠି ଦେବୁ। ଯଦି କମ୍ପାନୀ କର୍ତ୍ତୃପକ୍ଷ ଦାବି ନ ଶୁଣନ୍ତି ତେବେ ଆମେ ଆଗାମୀ ଦିନରେ ପିଲାଛୁଆ ଧରି କମ୍ପାନୀ ଫାଟକରେ ଧାରଣା ଦେବା ସହ କମ୍ପାନୀ ବାଉଣ୍ଡାରୀ କାମ ବନ୍ଦ କରିବୁ ବୋଲି ମା' ଶୀତଳା ଗ୍ରାମ୍ୟ ସୁରକ୍ଷା କମିଟିର ସଭାପତି ପ୍ରମୋଦ ସାମନ୍ତରାୟ ସୂଚନା ଦେଇଛନ୍ତି। ଆଜି ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଏକ ବୈଠକରେ ଏହି ନିଷ୍ପତ୍ତି ନେଇଛନ୍ତି।

# ରାତ୍ରକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ବାଲିକୁଦା,୨୧।୨(ସମିସ):** ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ଶ୍ରୀବନ୍ତପୁର ଜଟାଧାରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବଡ଼ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ନେତା ସଂଜୀବ ଏସ୍ ବିଶ୍ୱାଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସମାଜସେବୀ ଉଲ୍ଲାସ ମଲ୍ଲିକ ଓ ବିଦ୍ୟାଧର ସେଠି ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚରେ ଅଳାଭର କ୍ରିକେଟ କ୍ଲବ ପ୍ରଥମେ ଟସ ଜିତି ଆଲୁପିଙ୍ଗଳ ଟିମକୁ ବ୍ୟାଟିଂ ପାଇଁ ଆମନ୍ତ୍ରିତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଆଲୁପିଙ୍ଗଳ ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୩୦ ରନ୍ କରିଥିଲା। ଜବାବରେ ଅଳାବୋଳ ଟିମ୍ ୫ ଓଭରରେ ୧ ଉଇକେଟ ହରାଇ ୩୧ ରନ୍ କରି ପ୍ରଥମ ଦଳ ଭାବେ ସେମିରେ ପ୍ରବେଶ କରିଛି। ମ୍ୟାଚରେ ଅମ୍ପାୟାର ଦାୟିତ୍ୱ ଦୁଇ ଡ୍ୟାମ୍ପିଂ ଅମ୍ପାୟାର ପୃଥ୍ୱୀରାଜ ମହାନ୍ତି ଓ ସନ୍ତୋଷ କୁମାର ପରିଚାଳନା କରିଥିବା ବେଳେ ସ୍କରିଙ୍ଗ ରେ ପ୍ରତାପ ସେଠି ବିଜୟ ଜେନା ସହଯୋଗ ପ୍ରଦାନ କରିଥିଲେ।

# ସଲ୍‌ଫୁରିକ୍ ଏସିଡ୍ ପ୍ଲାଣ୍ଟ ଉଦ୍‌ଘାଟିତ

**ପାରାଦୀପ,୨୧।୨(ସମିସ):** ପାରାଦୀପ ଇଫକୋ ୟୁନିଟ ପକ୍ଷରୁ ଆଜି ସଲଫୁରିକ ଏସିଡ ପ୍ଲାଣ୍ଟ ଉଦ୍‌ଘାଟିତ ହୋଇଯାଇଛି।ଏହି ଏସିଡ ପ୍ଲାଣ୍ଟ ବିଶ୍ୱର ଏକ ବୃହତ୍ତ ଦୁଇ ହଜାର ଟନ କ୍ଷମତା ବିଶିଷ୍ଟ ସଲଫୁରିକ ଏସିଡ ଉତ୍ପାଦନ କରିବାର କ୍ଷମତା ରହିଛି।ଏହା ରାଜ୍ୟ ସରକାରଙ୍କ ନିବେଶ ଓଡିଶା ଅଧୀନରେ କାର୍ଯ୍ୟ କରି ପ୍ରଧାନମନ୍ତ୍ରୀଙ୍କ ଆତ୍ମ ନିର୍ଭର ଭାରତ କାର୍ଯ୍ୟକ୍ରମକୁ ଆଗେଇବା ଦିଗରେ ଏକ ପ୍ରମୁଖ ମାଇଲ ଖୁଣ୍ଟ ଅଟେ।ଏହି ଉଦଘାଟନୀ ଉତ୍ସବରେ ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ଼ ୟୁ ଏସ ଆସୋସ୍ତି ଯୋଗଦେଇ ଏହି ପ୍ଲାଣ୍ଟର ଉତ୍ତମ ପରିଚାଳନା ପାଇଁ ଅନେକ ବୈଜ୍ଞାନିକ ଦୃଷ୍ଟିକୋଣ ଉପରେ ଆଲୋଚନା କରିଥିଲେ।ଏହି ଐତିହାସିକ ଦିନରେ ଅନ୍ୟ ମାନଙ୍କ ମଧ୍ୟରେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ପିଏଲ ହାରନାଦ୍, ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଡେପୁଟି ଡାଇରେକ୍ଟର (ଅଗ୍ନି ଓ ନିରାପତ୍ତା) ମନୋଜ ପଣ୍ଡା, ଆଞ୍ଚଳିକ ପରିବେଶ ବିଭାଗର ମୁଖ୍ୟ ପୁଷ୍କର ଚନ୍ଦ୍ର ବେହେରା, ଆସିଷ୍ଟାଣ୍ଟ ଡାଇରେକ୍ଟର (ଅଗ୍ନି ଓ ନିରାପତ୍ତା) ଚନ୍ଦ୍ରକାନ୍ତ ଦଳାଇ ଓ ଇଫକୋ ପାରାଦୀପ ୟୁନିଟ ର ମୁଖ୍ୟ କେଜେ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।




# ପାରାଦୀପ ଇଫକୋର ନୂତନ ରେଲୱେ ସାଇଡିଙ୍ଗ୍ ଉଦ୍‌ଘାଟିତ



**ପାରାଦୀପ,୨୧।୨(ସମିସ):** ପାରାଦୀପ ସ୍ଥିତ କଙ୍କରର ଗତିଶକ୍ତି ମଲ୍ଟିମୋଡାଲ କାର୍ଗୋ ଟର୍ମିନାଲ ଠାରେ ଇଫକୋର ଏକ ନୂତନ ରେଲୱେ ସାଇଡିଙ୍ଗ ଉଦ୍‌ଘାଟିତ ହୋଇଯାଇଛି। ଏହି ସାଇଡିଙ୍ଗରେ ସାର, ଜିପ୍‌ସମ ଓ କୋଇଲା ପରିବହନ ପାଇଁ ଅଲଗା ରେଳ ଲାଇନର ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥା ଫଳରେ ଦେଶର ବିଭିନ୍ନ ପ୍ରାନ୍ତକୁ ସାର ପରିବହନ ହେବା ସହ ସାରକାରଖାନାର ବର୍ଜ୍ୟ ଜିପସମ ଗୁଣ୍ଡ ସ୍ଥାନାନ୍ତରରେ ବୃଦ୍ଧି ଘଟିବ। ଏହି ନୂତନ ରେଲୱେ ସାଇଡିଙ୍ଗକୁ ଇଫକୋ ପରିଚାଳନା ନିର୍ଦ୍ଦେଶକ ଡ଼ଃ. ୟୁ. ଏସ. ଅୱସ୍ତି ବୁଧବାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଇଷ୍ଟକୋଷ୍ଟ ରେଲୱେ ଅଧିକାରୀ ଦିବଞ୍ଜନ ରଏ, ଅର୍ଘ୍ୟ ପଟ୍ଟନାୟକ, ଇଫ୍‌କୋ ପାରାଦୀପ ୟୁନିଟ ନିର୍ଦ୍ଦେଶକ କେ.ଜେ.ପଟେଲଙ୍କ ସମେତ ଇଫକୋ, କଙ୍କର କମ୍ପାନୀ ଓ ଇଷ୍ଟକୋଷ୍ଟ ରେଲୱେର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଉଦଘାଟନୀ ଅବସରରେ ଶ୍ରୀ ଅୱସ୍ତି ଉତ୍ତରପ୍ରଦେଶର ଏସିସି ସିମେଣ୍ଟ କାରଖାନା ଉଦ୍ଦେଶ୍ୟରେ ଏକ ଜିପସମ ବୋଝେଇ ରେକ୍‌କୁ ସବୁଜ ପତାକା ଦେଖାଇ ପରିବହନର ଶୁଭାରମ୍ଭ କରିଥିଲେ।

## କାମାକ୍ଷାନଗର ସାମ୍ବାଦିକ ସଂଘ ନିର୍ବାଚନ

# ବିଦ୍ୟାଧର ସଭାପତି ଓ ସୌମେନ୍ଦ୍ର ସାଧାରଣ ସମ୍ପାଦକ ନିର୍ବାଚିତ

କାମାକ୍ଷାନଗର, ୨୧।୨ (ସମିସ)



ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସାମ୍ବାଦିକ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ବିଦ୍ୟାଧର ବରାଳ ସଭାପତି ଓ ସୌମେନ୍ଦ୍ର ସାହୁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତହୋଇଛନ୍ତି। କାମାକ୍ଷାନଗର ସାମ୍ବାଦିକ ସଂଘର ବାର୍ଷିକ ଅଧିବେଶନ ଓ ସଂଘ ନିର୍ବାଚନ ବୁଧବାର ଗଡ଼ଜାତ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ହିମାଂଶୁ ଶେଖର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ବାର୍ଷିକ ଅଧିବେଶନରେ ସଂଘର ବାର୍ଷିକ ଆୟବ୍ୟୟ ବିବରଣୀ ପାଠ କରାଯିବା ସହିତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ ମୁଖ୍ୟ ଆଇନ ପରାମର୍ଶଦାତା ଧର୍ମାନନ୍ଦ ମଲ୍ଲିକ ଓ ସଂଘର ମୁଖ୍ୟ ଉପଦେଷ୍ଟା ବିରଞ୍ଚି ନାରାୟଣ ମହାପାତ୍ର ନିର୍ବାଚନ କାର୍ଯ୍ୟକୁ ପରିଚାଳିତ କରିଥିଲେ। ସଭାପତି ପଦ ପାଇଁ ବିଦ୍ୟାଧର ବରାଳ ଏବଂ ପ୍ରତାପ କୁମାର ସାହୁ ନିର୍ବାଚନ ଲଢ଼ିଥିଲେ। ବିଦ୍ୟାଧର ୩୧ ଖଣ୍ଡ ଭୋଟ ପାଇ ବିଜୟୀ ଲାଭ ହୋଇଥିବା ବେଳେ ପ୍ରତାପ ୮ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ସେହିପରି ସାଧାରଣ ସମ୍ପାଦକ ପଦବୀ ପାଇଁ ସୌମେନ୍ଦ୍ର କୁମାର ସାହୁ ଏବଂ ସରୋଜ କାନ୍ତ ବେହେରାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ସୌମେନ୍ଦ୍ର ୨୧ ଖଣ୍ଡ ଭୋଟ ପାଇଥିବା ବେଳେ ସରୋଜ ୧୮ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ସେହିପରି ଉପସଭାପତି ଭାବେ ଶୁଭ୍ରାଂଶୁ ମହାନ୍ତି, ସହ-ସମ୍ପାଦକ ଭାବେ ବିନୋଦ ବିହାରୀ ସେଠି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଶୃତିପଦ ନନ୍ଦ, ଜ୍ୟୋତିର୍ମୟୀ ମିଶ୍ର, ହୃଦୟ ବଲ୍ଲଭ ମିଶ୍ର, ଦିୱାନୀ କୁମାର ସାହୁ, ତରୁଣ କୁମାର ଦାସ ମନୋନୀତ ହୋଇଛନ୍ତି। ନିର୍ବାଚନ ପ୍ରକ୍ରିୟା ପରେ ନିର୍ବାଚିତ ପଦାଧିକାରୀ ଏବଂ କାର୍ଯ୍ୟକାରୀ ସଦସ୍ୟଙ୍କୁ ନେଇ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ପୂର୍ବତନ ସଭାପତି ଓ ସମ୍ପାଦକ ନିର୍ବାଚିତ ନୂତନ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣେଇବା ସହିତ ସଂଘୀୟ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ।

## ମହିଳା କର୍ମଚାରୀଙ୍କୁ କାଉନସିଲରଙ୍କ ଦୁର୍ବ୍ୟବହାର

**● ଥାନାରେ ଅଭିଯୋଗ**

**ହିନ୍ଦୋଳ, ୨୧।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସିର କାର୍ଯ୍ୟରତ ମହିଳା କର୍ମଚାରୀଙ୍କୁ କାଉନସିଲର ଫୋନରେ ଦୁର୍ବ୍ୟବହାର କରିବା ସହ ନାନା ଧମକଚମକ ଦେବା ଘଟଣାରେ ହିନ୍ଦୋଳ ଥାନାରେ ଅଭିଯୋଗ ହୋଇଛି। ଧମକ ଦେଇଥିବା କାଉନସିଲର ଜନୈକା ରାଜନୈତିକ ଦଳର ସମର୍ଥକ ହୋଇଥିବା ବେଳେ ସାଙ୍ଗଠନିକ ପଦବୀରେ ମଧ୍ୟ ରହିଛନ୍ତି। ଅଭିଯୋଗରୁ ଜଣାପଡ଼ିଛି ଯେ, ୮ ନଂ ୱାର୍ଡର ଜଣେ ସରକାରୀ ପେନସନ ଭୋଗୀ ମହିଳାଙ୍କ ନିକଟରେ ପରଲୋକ ହୋଇଯାଇଥିଲା। ସମ୍ପୃକ୍ତ ମହିଳାଙ୍କ ପୁତ୍ର ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପାଇବା ପାଇଁ ଆବେଦନ କରିଥିଲେ। ମାତ୍ର ମହିଳା ଜଣଙ୍କ ପେନସନ ପାଉଥିବାରୁ ବିଭାଗ ପକ୍ଷରୁ ତାହା ଖାରଜ କରିଦିଆଯାଇଥିଲା। ଏହି ଘଟଣାକୁ ନେଇ ସେହି କାଉନସିଲର ଚାପ ପ୍ରୟୋଗ କରିଆସୁଥିଲେ। ମାତ୍ର ସେଥିରେ ସେ ବିଫଳ ହେବାରୁ ସେ ଅଭିଯୋଗକାରିଣୀଙ୍କୁ ଫୋନ ମାଧ୍ୟମରେ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ କରିବା ସହ ନାନା ଧମକ ଚମକ ଦେଇଥିଲେ। ଏପରିକି ଗାଡ଼ି ଚପାଇ ମାରିଦେବାକୁ ଧମକ ଦେଇଥିଲେ। ଘଟଣାକୁ ନେଇ ଅଭିଯୋଗକାରିଣୀ ଇତିନା ପ୍ରଥମେ ନିର୍ବାହୀ ଅଧିକାରୀଙ୍କୁ ଜଣାଇବା ପରେ ଆଜି ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ସେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ। ପରେ ପୁଲିସ ଉଭୟଙ୍କୁ ଥାନାକୁ ଡକାଇ ବୁଝାସୁଝା କରିବା ପରେ ଥାନାରେ ସମ୍ପୃକ୍ତ କାଉନସିଲର ମହିଳା କର୍ମଚାରୀ ଇତିନାଙ୍କୁ କ୍ଷମା ପ୍ରାର୍ଥନାକରିବା ପରେ ସମସ୍ୟରେ ସମାଧାନ ହୋଇଥିଲା।

## ୩୧୭ ମାଟ୍ରିକ୍ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଢେଙ୍କାନାଳ, ୨୧।୨ (ସମିସ):** ଢେଙ୍କାନାଳ ଜିଲ୍ଲାରେ ମଙ୍ଗଳବାର ୯୭ଟି ପରୀକ୍ଷା କେନ୍ଦ୍ରରେ ୧୫ ହଜାର ୪୫୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ବିଭିନ୍ନ ବିଦ୍ୟାଳୟରେ ୩୧୭ଜଣ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଚଳିତ ବର୍ଷ ଜିଲ୍ଲାର ୯୭ଟି ପରୀକ୍ଷା କେନ୍ଦ୍ରରେ ୧୬ ହଜାର ୭୮୦ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବାକୁ ଫର୍ମ ପିଲଅପ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ୧୫ ହଜାର ୪୫୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩୧୭ଜଣ ଅନୁପସ୍ଥିତ ରହିଥିବାର ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୨୩ଜଣ, ମଧ୍ୟମାରେ ୩ଜଣ ଅନୁପସ୍ଥିତ ରହିଛନ୍ତି।ପରୀକ୍ଷାରେ କପିକୁ ରୋକିବା ଏବଂ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ସମସ୍ତ କେନ୍ଦ୍ରରେ ସିସି ଟିଭି ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ପରୀକ୍ଷାର୍ଥୀମାନଙ୍କ ମଧ୍ୟରୁ ୧୬ ହଜାର ୬୬୮ ଜଣ ରେଗୁଲାର ଏବଂ ୩୪ ଜଣ ଏକ୍ସରେଗୁଲାର ଛାତ୍ରଛାତ୍ରୀ ରହିଛନ୍ତି।

## ୧୪୭ ରାସନ କାର୍ଡଧାରୀଙ୍କୁ ସହାୟତା ପ୍ରଦାନ



**ଗଁଦିଆ, ୨୧।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ପୋରୁହଖୋଜ ପଞ୍ଚାୟତ ପୋରୁହଖୋଜରେ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ରାଜ୍ୟ ସରକାର ତରଫରୁ ୧୪୭ଜଣ ରେସନ କାର୍ଡଧାରୀକୁ କାର୍ଡ ପିଛା ୧ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଢେଙ୍କାନାଳର ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ସୋରିଷପଦ ସରପଞ୍ଚ ପ୍ରଦୀପ ସାହୁ, ବିଧାୟକଙ୍କ ପ୍ରତିନିଧି ନିରାକାର ରାଉତ, ପୋରୁହଖୋଜ ପଞ୍ଚାୟତର ସମିତି ସଭ୍ୟ ବଳରାମ ପରିଡ଼ା, ସମାଜସେବୀ ମାନଗୋବିନ୍ଦ କଅଁର, ଧରଣୀଧର ସାହୁ, ପଞ୍ଚାୟତ ଅଧିକାରୀ ମଧୁସୁଦାନ କର, ଶକ୍ତି ମା କମଳା ସ୍ୱୟଂ ସହାୟକ ଗୋଷ୍ଠୀର ଗୀତାରାଣୀ ସାହୁ ଯୋଗ ଦେଇ ଏହି ସହାୟତା ଅର୍ଥ ରାଶି ପ୍ରଦାନ କରିଥିଲେ।

## ବିଶ୍ୱ ମାତୃଭାଷା ଦିବସ ପାଳିତ



**ଢେଙ୍କାନାଳ, ୨୧।୨ (ସମିସ):** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଶୁଭକାନ୍ତ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ.ପୂର୍ଣ୍ଣଚନ୍ଦ୍ର ବରାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଦର୍ଶନ ବିଭାଗ ମୁଖ୍ୟ ଡ. ଶାରଦାପ୍ର ସନ୍ନ ପତି ଯୋଗଦେଇ ଦର୍ଶନ ଓ ସାହିତ୍ୟ ଉପରେ ବାଖ୍ୟା କରିଥିଲେ। ସମ୍ମାନିତ ଅତିଥି ଭାବରେ ଡ.ଗିରିଶ ଚନ୍ଦ୍ର ବେହେରା ଯୋଗଦେଇ ନୂତନ ଶିକ୍ଷାନିତୀରେ ମାତୃଭାଷାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ର ବିକାଶ ପ୍ରଧାନ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେଅଧ୍ୟାପିକା ଡ.ମଞ୍ଜୁଳିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ଦୁର୍ଘଟଣାରେ ଡ୍ରାଇଭର ଆହତ



**ଭୁବନ, ୨୧।୨ (ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର-ଭୁବନ ୫୩ ନମ୍ବର ରାଜପଥର ବାଉଁଶକଣୀ ନିକଟରେ ଏକ ବ୍ରେକ ଡାଉନ ଗାଡ଼ିକୁ ଟ୍ରକ ଧକ୍କା ଦେବାରୁ ଡ୍ରାଇଭର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଭୁବନ ଥାନା ଅନ୍ତର୍ଗତ ଅନନ୍ତପୁରୁ ଭୁବନ ଆଡ଼କୁ ଆସୁଥିବା ରାସ୍ତାର ବାଉଁଶକଣ ଶିକ୍ଷାନୁଷ୍ଠାନ ସମ୍ମୁଖରେ ବ୍ରେକ ଡାଉନ୍ ଗାଡ଼ି ଛିଡାହୋଇଥିଲା। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ (ଓଡି ୩୫ସି ୨୩୧୦)ଟି ବ୍ରେକ ଡାଉନ ଗାଡି ( ଓଡି ୦୪ ଏସ ୧୯୫୮) ପଛରେ ଧକ୍କା ଦେଇଥିଲା। ଫଳରେ ଟ୍ରକ୍ ଡ୍ରାଇଭର ଆହତ ହୋଇଥିବା ବେଳେତାଙ୍କୁ ଉଦ୍ଧାର କରାଯାଇ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ମୀରାବାଈ କଳାବିକାଶ କେନ୍ଦ୍ରରେ ସଙ୍ଗୀତ ନାଟକ ଅନୁଷ୍ଠିତ




**ଭୁବନ, ୨୧।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ମୀରାବାଈ କଳା ବିକାଶ କେନ୍ଦ୍ରରେ ଜନ ଭାରତରଙ୍ଗ ମହୋତ୍ସବ ସଙ୍ଗୀତ ନାଟକ ବସୁଧୈବ କୁଟୁମ୍ବକମ୍ ପାଳିତ ହୋଇଯାଇଛି। ଜାତୀୟ ବିଦ୍ୟାଳୟ ଏବଂ ନାଟକ ତରଫରୁ ୨୫ତମ ବାର୍ଷିକ ଉତ୍ସବ ଆନ୍ତର୍ଜାତୀୟ ଥିଏଟର ପର୍ବ ପାଳିତ ହୋଇଛି। ଏହି ଉତ୍ସବରେ ମୀରାବାଈ କଳା ବିକାଶ କେନ୍ଦ୍ରର କଳାକାର ମାନେ ସଙ୍ଗୀତ ନାଟକ ପରିବେଷଣ ସିଧାପ୍ରସାରଣ ଦିଲ୍ଲୀରୁ ଆସିଥିବା ଏହି ଲିଙ୍କ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏହି ବସୁଧୈବ କୁଟୁମ୍ବକମ୍ ସଙ୍ଗୀତ ନାଟକ ରଚନା, ନିର୍ଦ୍ଦେଶକ ଭଗବାନ ଗୁରୁ ଅଭିନୀତ କରିଥିଲେ। ଶାନ୍ତନୁ ଦାସ, ତୁଷାରକାନ୍ତ ମିଶ୍ର, ଓମ ସାଇ ମିଶ୍ର, ଚନ୍ଦନ ବେହେରା, ସୁରେନ୍ଦ୍ର ପୃଷ୍ଟି କୈଳାଶ ଚନ୍ଦ୍ର ପୃଷ୍ଟି, ଦୀପକ ପୃଷ୍ଟି, ଶାନ୍ତିଲତା ଗୁରୁ, ପ୍ରତିମା ନାୟକ, ହୃଷୀକେଶ ନାୟକ, ଧରିତ୍ରୀ ସାହୁ, ଦିବ୍ୟଦର୍ଶନ ଗୁରୁ, ଶୁଭଶ୍ରୀ ବେହେରା, ସ୍ମୃତିରେଖା ନାୟକ, ଓ ରୂପ ସଜା ନାରାୟଣ ସାହୁ, ମଞ୍ଚ ସଜା ନିରଞ୍ଜନ ମିଶ୍ର କରିଥିଲେ।

## ଜିରାଳ ମାର୍ଥାପୁରରେ ସଚେତନତା କାର୍ଯ୍ୟକ୍ରମ

**ଭୁବନ, ୨୧।୨ (ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ତରଫରୁ ଜିରାଳ ମାର୍ଥପୁରରେ ପଞ୍ଚାୟତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିରାଳ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଉଦୟ ଲେଙ୍କା ଓ ମାର୍ଥାପୁର ଠାରେ ପୂର୍ବତନ ଅଭିମନ୍ୟୁ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିପିନ ବିହାରୀ ସାହୁଙ୍କ ସଂଯୋଜନା କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଯୋଗଦେଇ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ବୁଝାଇଥିଲେ। ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବିଡିଓ କଲ୍ୟାଣ ସୌରଭ ଦାସ, ନାଏବ ସରପଞ୍ଚ ଗେଲି ନାୟକ, ସମବାୟ ସମିତି ସଭାପତି ପୁଷ୍ପଲତା ରାଉତ ଯୋଗ ଦେଇଥିଲେ। କୃଷି, ଉଦ୍ୟାନ ଶିକ୍ଷା ଶିଶୁ ବିକାଶ ବିଭାଗ ପକ୍ଷରୁ ଷ୍ଟଲ୍ ମାଧ୍ୟମରେ ସଚେତନତା କରାଯାଇଥିଲା। ସେହିପରି ମାର୍ଥାପୁର ପଞ୍ଚାୟତ ପକ୍ଷରୁ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ହିତାଧୀକାରୀଙ୍କୁ ଭତା ପ୍ରଦାନ କରାଯାଇଥିଲା। ଜିରାଳ ଠାରେ ଅରଖପାଳ ପଞ୍ଚାୟତର ବିଜେପି ସରପଞ୍ଚା ଧଳା ବରାଳଙ୍କ ଯୋଗ ଦାନକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ନାନା ଆଲୋଚନା ଶୁଣିବାକୁ ମିଳୁଛି।

**● ପାନୀୟ ଜଳ ସମସ୍ୟାର ସମାଧାନ ଦାବି**

## ଜିଲ୍ଲାପାଳଙ୍କୁ ଭେଟିଲେ ମାଡୁଆ ତଅଁଳାସାହି ଗ୍ରାମବାସୀ



**ଢେଙ୍କାନାଳ, ୨୧।୨(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ଅନ୍ତର୍ଗତ ମାଡୁଆ ତଅଁଳାସାହିର ଗ୍ରାମବାସୀ ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଭେଟି ନିବେଦନ କରିଛନ୍ତି। ଗ୍ରାମବାସୀ ଦୀର୍ଘ ୩୦ ବର୍ଷ ହେବ ପାନୀୟ ଜଳ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ସରପଞ୍ଚ ଓ ସରକାରୀ କର୍ମଚାରୀମାନଙ୍କୁ ବହୁବାର ଅବଗତ କରି ଆସୁଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରିନାହିଁ। ଗ୍ରାମରେ ନଳକୂପ ରହିଥିଲେ ମଧ୍ୟ ସେଥିରୁ କେତେକ ଅଚଳ ହୋଇ ପଡ଼ିଛି ଓ କେତେକ ନଳକୂପରୁ ଗୋଳିଆ ପାଣି ବାହାରୁଛି। ଲୋକମାନେ ଗୋଳିଆ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ମହିଳାମାନେ ଗ୍ରାମଠାରୁ ପ୍ରାୟ ୧ କିମି ଦୂରକୁ ଯାଇ ପାଣି ଆଣିବାରେ ବହୁତ ଅସୁବିଧା ଭୋଗୁଛନ୍ତି। ତେଣୁ ଏହାର ସ୍ଥାୟୀ ସମାଧାନ ନିମନ୍ତେ ସୁବିଚାର କରି ପାଇପ୍ ଯୋଗେ ଜଳଯୋଗାଣ କରିବା ପାଇଁ ଜିଲ୍ଲାପାଳ ପଦକ୍ଷେ ନେବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପତ୍ର ପ୍ରଦାନ ବେଳେ ଗ୍ରାମର ଡଲି ବେହେରା, କନକ ବେହେରା, ତୁହି ବେହେରା, ପୁଲସ୍ତି ବେହେରା, ସବିତା ବେହେରା, ସୁଜାତା ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

**ଜାତୀୟ ଗୋଲୋକ ବିହାରୀ ଧଳ ଭାଷା ସମାବେଶ**

# ମାତୃଭାଷା ଏକ ଜାତିର ସଞ୍ଜୀବନୀ

ଢେଙ୍କାନାଳ, ୨୧।୨ (ସମିସ)



ମାତୃଭାଷା ଏକ ଜାତିର ଜୀବନୀ ଶକ୍ତି ତଥା ସଞ୍ଜୀବନୀ ସଦୃଶ। ମାତୃଭାଷା ଜୀବିତ ଥିବା ପର୍ଯ୍ୟନ୍ତ କୌଣସି ଜାତିର ବିଲୟ ନାହିଁ। ମାତ୍ର ମାତୃଭାଷା ପ୍ରତି ସଙ୍କଟ ଆସିବା କୌଣସି ଜାତି ପାଇଁ ଶୁଭଙ୍କର ନୁହେଁ। ଓଡ଼ିଆ ମାତୃଭାଷା ପ୍ରତି ଯଦିଓ ସଙ୍କଟ ଆସିନି କିନ୍ତୁ ଓଡ଼ିଆ ଜାତିର ଭାଷା ପ୍ରୀତି ସଙ୍କଟରେ ଅଛି ଏକଥା କେହି ଅସ୍ୱୀକାର କରିବେ ନାହିଁ। ବିଶ୍ୱ ବିଖ୍ୟାତ ଭାଷାବିଜ୍ଞାନୀ, ପ୍ରଖ୍ୟାତ ଧ୍ୱନିତତ୍ତ୍ୱବିତ୍, ଶିକ୍ଷାବିତ୍, ସୁସାହିତ୍ୟିକ ସ୍ୱର୍ଗତ ପ୍ରାଧ୍ୟାପକ ଗୋଲୋକ ବିହାରୀ ଧଳଙ୍କ ସ୍ମୃତିରେ ଆୟୋଜିତ ଜାତୀୟସ୍ତରୀୟ ଭାଷା ସମାବେଶରେ ଉପସ୍ଥିତ ବକ୍ତା ଓ ଅତିଥିମାନେ ଏହିପରି ପ୍ରକାଶ କରିଛନ୍ତି। ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ସ୍ଥାନୀୟ ଗୋପବନ୍ଧୁ ଟାଉନହଲ ଠାରେ ଏହି ଉତ୍ସବରେ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟୀକାୟତରାୟ, ବିଶିଷ୍ଟ ଭାଷା ଗବେଷକ ତଥା ଶବ୍ଦସିନ୍ଧୁର ପ୍ରଣେତା ଡ. ନଟବର ଶତପଥୀ, ଓଡ଼ିଆ ବର୍ଣ୍ଣବୋଧ ଅଭିଯାନର ଅଧ୍ୟକ୍ଷ ଡ. ପ୍ରଭାକର ତ୍ରିପାଠୀ, ଓଡ଼ିଆ ଭାଷା ସଂଗ୍ରାମ ସମିତିର ଆବାହକ ଶଙ୍କର୍ଷଣ ପରିଡ଼ା, କବି ନାଟ୍ୟକାର ବିଜୟ ଦାସ ପ୍ରମୁଖ ଯୋଗ ଦେଇ ଗୋଲୋକ ବିହାରୀ ଧଳଙ୍କ ଜୀବନୀ ଓ ସୃଜନୀ, ଜୀବନ ଜୀବିକାରେ ମାତୃଭାଷା, ଶାସନ ପ୍ରଶାସନରେ ମାତୃଭାଷା ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ସ୍ମରଣିକା 'ଗୋଲୋକ ଶତାବ୍ଦୀ' ଉନ୍ମୋଚନ ହୋଇଥିଲା। ପରେ ୩ଜଣ ବରିଷ୍ଠ କବି ଅନିରୁଦ୍ଧ ସାହୁ, ଯୋଗୀନାଥ ରାଉଳ ଓ ଶ୍ରୀଧର ଦାଶଙ୍କୁ ଭାଷା ଭାରତୀ ସମ୍ମାନ, ଛତିଶଗଡ଼ରେ ଓଡ଼ିଆ ଭାଷା ସୁରକ୍ଷା ଦିଗରେ ଆଜୀବନ ସମର୍ପଣ କରିଥିବା କ୍ଷମା ସାଗର ଭୋଇଙ୍କୁ ଭାଷା ଭଗୀରଥ ସମ୍ମାନ, ଝାଡ଼ଖଣ୍ଡର ଭାଷା ସଂଗ୍ରାମୀ ଉତ୍ପଳା ଷଡ଼ଙ୍ଗୀ ଓ ପ୍ରଦୀପ ଦାସଙ୍କୁ ଭାଷା ସେନାନୀ ସମ୍ମାନ ପ୍ରଦାନ କରାଯାଇ ଥିଲା।

ଏଥିସହିତ ଓଡ଼ିଆ ବର୍ଣ୍ଣବୋଧ ଅଭିଯାନରେ ଏହି ଉଭୟ ରାଜ୍ୟର ପ୍ରତିନିଧିଙ୍କୁ ରାଜ୍ୟ ସଂଯୋଜକ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଅପରାହ୍ନରେ ରଶ୍ମିତା ରାଉତଙ୍କ ସଂଯୋଜନାରେ ଭାଷା ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାଡ଼ଖଣ୍ଡରୁ ଡ. ଉତ୍ପଳା ଷଡ଼ଙ୍ଗୀ ଓ ପ୍ରଦୀପ ଦାସ ଏବଂ ଛତିଶଗଡ଼ରୁ କ୍ଷମାସାଗର ଭୋଇଙ୍କ ନେତୃତ୍ୱରେ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ପ୍ରତିନିଧି ମଣ୍ଡଳୀ ଯୋଗଦେଇ ଓଡ଼ିଆ ମାତୃଭାଷାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସେସବୁ ଅଞ୍ଚଳ ମୂଳତଃ ଓଡ଼ିଆ ହେଲେ ହେଁ ସେଠାରେ ଓଡ଼ିଆ ଲିପି ଓ ଭାଷାର ସଙ୍କଟ ଘନେଇ ଆସିଲାଣି ବୋଲି ଶଙ୍କା ପ୍ରକାଶ କରିଥିଲେ। ପରେ ପରେ ପ୍ରଭାତୀ ମହାପାତ୍ର, ବୈଜୟନ୍ତୀ ପଟ୍ଟନାୟକ ଓ ଜ୍ୟୋତିର୍ମୟୀ ନାଥଙ୍କ ସଂଯୋଜନାରେ ଭାଷା ସ୍ରୋତସ୍ୱିନୀ କବିତା ଆସର ଅନୁଷ୍ଠିତ ହୋଇଥିଲା।

ଭାଷା ସମାବେଶର ଉପଦେଷ୍ଟା ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ଲେଖକ ସଂସଦର ସଭାପତି ବସନ୍ତ ପଟ୍ଟନାୟକ, ଢେଙ୍କାନାଳ ଥିଙ୍କର୍ସ ଫୋରମର ସଭାପତି ସୋମେନ୍ଦୁ ଶତପଥୀ, ବଡ଼ଜେନା ସାହିତ୍ୟ ପରିଷଦର ସଭାପତି ଶଙ୍କର୍ଷଣ ଶତପଥୀ, ଛନ୍ଦେଶ ସାହିତ୍ୟ ସଂସଦର ଯୁଗ୍ମ ସମ୍ପାଦକ ଫକୀରମୋହନ ସାହୁଙ୍କ ନେତୃତ୍ୱରେ ଏକ ଭାଷା ପଦଯାତ୍ରା ବାଜିଛକ ଠାରୁ ଆରମ୍ଭ ହୋଇ ଗୋପବନ୍ଧୁ ଟାଉନହଲ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ଭାଷା ପ୍ରେମୀ ଜନଗଣ ଯୋଗଦେଇ ମାତୃଭାଷା ସମ୍ପର୍କିତ ବାର୍ତ୍ତା ଓ ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ପ୍ରକାଶ ରାଉତ, ଅବିନାଶ ପଟ୍ଟନାୟକ, ଶଶୀରେଖା ରାଉତଙ୍କ ସଂଯୋଜନାରେ ଭାଷାପ୍ରେମୀ ଜନସାଧାରଣ ଓ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳ ପ୍ରତିନିଧି ଯୋଗଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷ ଅପର୍ତି ନାୟକ, ମୁଖ୍ୟ ସଂଯୋଜକ ରତନ ନାୟର, ମୁଖ୍ୟ ମୁଖପାତ୍ର ପ୍ରବାସିନୀ ମହାକୁଡ଼ ପରିଚାଳନା କରିଥିବାବେଳେ ସମ୍ପାଦକ ମନୋଜ କୁମାର ସାହୁ 'ମନ୍ମୟ' ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରତାପ ନାୟକ, ଆଦିତ୍ୟ ସିଂହ, ସୂର୍ଯ୍ୟ ପ୍ରସାଦ ମଲ୍ଲିକ, ପ୍ରଜ୍ଞାପରମିତା ନାୟକ, ପୂଜା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦ୍ରାପଡ଼ାକୁ ଜଗିଛି ଅଚଳ ସିସିଟିଭି

■ ୩୮ ସିସିଟିଭିରୁ ୩୪ ଅଚଳ
■ ସହରରେ ବଢୁଛି ଅପରାଧ, ଟେର୍ ପାଉନି ପୁଲିସ

କେନ୍ଦ୍ରାପଡ଼ା, ୨୧।୨(ସମିସ): କେନ୍ଦ୍ରାପଡ଼ା ସହରକୁ ସୁରକ୍ଷା ଓ ଅପରାଧିକ ଗତିବିଧି ଉପରେ ନଜର ରଖିବା ଲାଗି ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି। ହେଲେ ଏସବୁ ମଧ୍ୟରୁ ଅନେକ ଏବେ ଅଚଳ। ସହରରେ ସମୁଦାୟ ୩୮ଟି ସିସିଟିଭି ଲାଗିଥିବା ବେଳେ ୩୪ଟି ଅଚଳ ହୋଇ ପଡ଼ିଛି। ସହରାଞ୍ଚଳ ଫାଣ୍ଡି-୨ରେ ଲାଗିଥିବା ସିସିଟିଭି ହଲ୍‌ରେ ମାତ୍ର ୪ଟି ସିସିଟିଭି ଚାଲୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ସହରରେ ଅପରାଧ ଆଉ ଅପରାଧୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଗତ ୨୦୧୯ ମସିହାରେ ୧୨ ଲକ୍ଷ ଟଙ୍କା ବ୍ୟୟରେ ୩୮ଟି ସିସିଟିଭି ଲାଗିଥିଲା। ଏହି ସିସିଟିଭି ଲାଗିବାର କିଛିଦିନ ପରେ ଅଚଳ ହୋଇଯାଇଛି। ସେଥିମଧ୍ୟରୁ ମାତ୍ର ୪ଟି ସିସିଟିଭି ସହରର ଘଟଣା ଦୁର୍ଘଟଣାକୁ ଜଗୁଛି। ୩୪ ଅଚଳ ସିସିଟିଭି କେବଳ ବିଭିନ୍ନ ସ୍ଥାନରେ ଝୁଲି ରହିଛି। ପୁରୁଣା ବସଷ୍ଟାଣ୍ଡ, ମେଡିକାଲ ରୋଡ, କୋର୍ଟ, ନୂଆ ବସ ଷ୍ଟାଣ୍ଡ ଭଳି କିଛିଟା ସ୍ଥାନରେ ସିସିଟିଭି ସଚଳ ଥିବା ବେଳେ ଅନ୍ୟାନ୍ୟ ସବୁ ସ୍ଥାନରେ ଅଚଳ ହୋଇଯାଇଛି। ମରାମତି ହେବାର କିଛିଦିନ ଭିତରେ ପୁଣି ଖରାପ ହେବା ନେଇ ପ୍ରଶ୍ନ ଉଠିଛି। ଅଚଳ ସିସିଟିଭି କାରଣରୁ ସହରରେ ଚୋରି, ଛିନତାଇ, ଡକାୟତି, ହତ୍ୟା ଉଦ୍ୟମ ଭଳି ଅପରାଧ ବଢ଼ିବାରେ ଲାଗିଛି। ଏହିସବୁ ଅପରାଧ ପରେ ପୁଲିସ ଅଭିଯୁକ୍ତଙ୍କୁ ଧରିବାକୁ ନାକେଦମ ହେଉଛି। ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ଅଚଳ ହେବା ଆଇନକାନୁନ୍ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହେଲେ ଏହାରି ମଧ୍ୟରୁ କେତୋଟି ବର୍ତ୍ତମାନ କାର୍ଯ୍ୟକ୍ଷମ ଆଉ କେତୋଟି କାମ କରୁନି ସେ ତଥ୍ୟ ମଧ୍ୟ ପୁଲିସ ବିଭାଗ ପାଖରେ ରହୁନି। ଏଥିଯୋଗୁ ଦୀର୍ଘଦିନ ଧରି ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ସହର ମଧ୍ୟରେ ବାରମ୍ବାର ଲୁଟ୍ ଓ ଆକ୍ରମଣ ଘଟଣା ଘଟୁଥିବା ନଜିର ରହିଛି। କେତେବେଳେ ଲୁଟେରା ମହିଳା, କଲେଜ ଛାତ୍ରୀଙ୍କଠାରୁ ଲୁଟ କରୁଛନ୍ତି ତ ଅନ୍ୟ କେତେବେଳେ ଗାଡି ଡିକି ଭାଙ୍ଗି ଟଙ୍କା ଲୁଟି ନେଉଛନ୍ତି। ପ୍ରମାଣ ପାଇଁ ଲଗାଯାଇଥିବା ସିସିଟିଭି ସମ୍ପୂର୍ଣ୍ଣ ଅଚଳ ଯୋଗୁ ଅପରାଧୀମାନେ କୋର୍ଟରୁ ସହଜରେ ଖସି ଯାଉଛନ୍ତି। ଏମିତିକି ସହରରେ ଜନ ସମାଗମ ହେବା ସମୟରେ କିଛି ଅଘଟଣ ଘଟିଲେ ତାହାର ଦୃଶ୍ୟ କିଭଳି ଉତ୍ତୋଳନ କରାଯିବ ତାହାକୁ ନେଇ ପୁଲିସର ନିଘା ନଥିବା ମତପ୍ରକାଶ ପାଇଛି। ତୁରନ୍ତ ଅଚଳ ସିସିଟିଭିଗୁଡ଼ିକୁ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।




ଜମି ପାଇଁ ବୃଦ୍ଧ ବାପାଙ୍କୁ ପୁଅର ଗୃହବନ୍ଦୀ ଅଭିଯୋଗ

# ଉଦ୍ଧାର ପାଇଁ ନିବେଦନ କଲେ ସ୍ତ୍ରୀ

କେନ୍ଦ୍ରାପଡ଼ା, ୨୧।୨(ସମିସ): କୋଟି କୋଟି ଟଙ୍କାର ସମ୍ପତ୍ତି ବିକିବା ପରେ ନିଜ ବାପାଙ୍କୁ ଘରେ ବନ୍ଦୀ କରି ରଖାଯାଇଥିବା ନେଇ ଅଭିଯୋଗ କରିଛନ୍ତି ମା'। ଘଟଣା ଘଟିଛି ମାର୍ଶାଘାଇ ଥାନା ଅଞ୍ଚଳରେ। ମାର୍ଶାଘାଇ ଥାନା ଅନ୍ତର୍ଗତ ଜୟଚନ୍ଦ୍ରପୁର ଗ୍ରାମର ମଦନ ମୋହନ ଦାସଙ୍କ ପତ୍ନୀ ବିମଳାଙ୍କ ଅଭିଯୋଗ ମୁତାବକ, ନିଜ ପୁଅ ଚଞ୍ଚକତା କରି ୩କୋଟିର ଜମି ବିକ୍ରି କରିଦେଇଛନ୍ତି। ପରେ ନିଜ ବୃଦ୍ଧ ବାପାଙ୍କୁ ଘରେ ତାଲା ପକାଇ ବନ୍ଦୀ କରି ରଖିଛନ୍ତି। ମାର୍ଶାଘାଇ ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ କାନ୍ଦି କାନ୍ଦି ୮୦ ବର୍ଷର ବୃଦ୍ଧା ବିମଳା ସ୍ୱାମୀଙ୍କୁ ଉଦ୍ଧାର ପାଇଁ ଗୁହାରି କରିଛନ୍ତି।

ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀ ମଦନ ମୋହନଙ୍କୁ ତାଙ୍କର ଗୋଟେ ପୁଅ ଏକ ବର୍ଷ ହେବ ନଜର ବନ୍ଦୀ କରି ରଖିଥିଲା। ଯାହାପାଇଁ ବିମଳା ତାଙ୍କର ଅନ୍ୟ ପୁଅଙ୍କ ପାଖରେ ରହୁଥିଲେ। ଏହି ପରିବାରଙ୍କର ବୌଦ୍ଧଛକ ନିକଟସ୍ଥ ରାସ୍ତା କଡରେ ୩ କୋଟିର ଏକ ମୂଲ୍ୟବାନ ଜମି ଥିଲା। ଏହି ଜମିକୁ ବାପାଙ୍କୁ ବନ୍ଦୀ କରି ରଖିଥିବା ପୁଅ ଭୟଭୀତ କରାଇ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଗତ ୧୬ ତାରିଖରେ ବିକି ଦେଇଥିବା ବିମଳା ଓ ତାଙ୍କ ଦୁଇ ପୁଅ ଝିଅ ଜାଣିବା ପରେ ମଦନ ମୋହନଙ୍କୁ ଭେଟିବାକୁ ଯାଇଥିବାବେଳେ ତାଙ୍କୁ ଏକ ନିବୁଜ କୋଠରୀରେ ତାଲା ପକାଇ ରଖି ନିର୍ଯାତନା ଦିଆଯାଉଥିବା ଦେଖିଥିଲେ। ଶେଷରେ ନିରାଶ ହୋଇ ବୃଦ୍ଧା ବିମଳା ଓ ତାଙ୍କ ଦୁଇପୁଅ ଝିଅ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାର୍ଶାଘାଇ ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି। ଏସମ୍ପର୍କରେ ମାର୍ଶାଘାଇ ସବ୍‌ରେଜିଷ୍ଟର ମନୋଜ ବେହେରା କୁହନ୍ତି ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ମାର୍ଶାଘାଇ ପୁଲିସ ମଧ୍ୟ ଘଟଣାର ତଦନ୍ତ ଆରମ୍ଭ କରିଛି।



# ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଟଙ୍କା ବଣ୍ଟନ

କେନ୍ଦ୍ରାପଡ଼ା, ୨୧।୨(ସମିସ): ବାରୋ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତ୍ରିଲୋଚନପୁରର ଡିଲର୍ ରାଜକିଶୋର ପଣ୍ଡାଙ୍କ ଡିଲର ପଏଣ୍ଟଠାରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ ଓ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରି ରାଜ୍ୟ ସରକାରଙ୍କ ଯୋଜନାର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ୨ ଲକ୍ଷ ୯୮ ହଜାର ୭୩୩ ଜଣ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୨ ହଜାର ୮୦ଜଣ ଅନ୍ତର୍ଭୁକ୍ତ ହୋଇଛନ୍ତି। ମୋଟ୍ ୩ ଲକ୍ଷ ୨୦ହଜାର ୮୧୩ ଜଣ ହିତାଧିକାରୀଙ୍କୁ ୧ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଇ-ପଏଣ୍ଟ୍ ଅଫ୍ ସେଲ୍‌ଠାରେ ପ୍ରଥମେ ହିତାଧିକାରୀଙ୍କ ଆଧାର ଭେରିଫିକେସନ କରାଯିବ। ଆଧାର ପ୍ରମାଣିତ ହେବା ପରେ ହିତାଧିକାରୀଙ୍କୁ ଉକ୍ତ ଅର୍ଥରାଶି ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ରହିଛି ଯେ, କୌଣସି ଗରିବ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ନହୁଅନ୍ତୁ। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ସମୟରେ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ୱାର୍ଡ଼ ମେମ୍ବର, ଡିଲର୍, ହିତାଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



# ସାମାଜିକ ସୁରକ୍ଷା ଭତ୍ତା ବୃଦ୍ଧି ଉଲ୍ଲେଖନୀୟ ପଦକ୍ଷେପ

## ଇନ୍ଦାଲୋ ଓ ଖମୋଳ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ଡେରାବିଶ, ୨୧।୨(ସମିସ): ଡେରାବିଶ ବ୍ଲକ ଇନ୍ଦାଲୋ ଓ ଖମୋଳ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇନ୍ଦାଲୋ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶ୍ରୀ ଆଚାର୍ଯ୍ୟ ନିଜ ବକ୍ତବ୍ୟରେ ସାମାଜିକ ସୁରକ୍ଷା ଭତ୍ତା ଯୋଜନାରେ ଗରିବ ହିତାଧିକାରୀଙ୍କ ଭତ୍ତାର ପରିମାଣ ୫୦୦ ଟଙ୍କା ବୃଦ୍ଧିମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଡ଼ିଓ ଦାଶରଥି ଜେନା ଯୋଗଦେଇ ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ଅଶ୍ୱିନୀ ମହାନ୍ତି, ସୁଧାଂଶୁ ସାମନ୍ତରାୟ, ମନିନ୍ଦ୍ର ରଥ, ପଞ୍ଚାୟତ ମହାସଂଘର ସଭାନେତ୍ରୀ ପ୍ରତିମା ସମନ୍ତରାୟ, ଏମ୍‌ବିକେ ମେନକା ଜେନା ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଖମୋଳ ପଞ୍ଚାୟତରେ ବାପିନ ମଲ୍ଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ତୃପ୍ତିମୟୀ କର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଡ଼ିଓ ଦାଶରଥି ଜେନା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ସମିତିସଭ୍ୟ ଅକ୍ଷୟ କୁମାର ନାୟକ, ସମାଜସେବୀ ଅବନୀ କୁମାର ଜେନା, ସମର କେଶରୀ ନାୟକ, ଏମ୍‌ବିକେ ସୌଦାମିନୀ ଜେନା ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଚନ୍ଦ୍ରକାନ୍ତ କର ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଜିଆରଏସ୍ ସଂଘମିତ୍ରା ମହାନ୍ତି, ପ୍ରୀତିରଞ୍ଜନ ପରିଡ଼ା, ଭ୍ରମରବର ବସନ୍ତିଆ, ହେମନ୍ତ ମଲିକ, ବିଷ୍ଣୁ ପ୍ରସାଦ କର ପ୍ରମୁଖ ସହଯୋଗ କରିଥିଲେ।



# ଦୁଇ ଦଫା ଦାବିରେ ଅଗ୍ନିକଙ୍କ କାର୍ଯ୍ୟବନ୍ଦ




ରାଜକନିକା, ୨୧।୨(ସମିସ): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବାରମ୍ବାର ଚାକିରି ସର୍ତ୍ତାବଳୀ ପୂରଣରେ ଅଣଦେଖା ହୋଇ ଆସିଥିବା ଅଗ୍ନିକ, ଲିଡିଂ ଫାୟାରମ୍ୟାନ, ଡ୍ରାଇଭର ମାନଙ୍କୁ ଓଡ଼ିଶା ପୋଲିସ କନେଷ୍ଟବଳଙ୍କ ସହ ସମାନ କରିବା, ଓଡ଼ିଶା ଅଗ୍ନିଶମ ସେବାସଂଘକୁ ସରକାରୀ ମଞ୍ଜୁରୀ ପ୍ରଦାନ ଦାବିରେ ବୁଧବାରଠାରୁ ତମାମ ରାଜ୍ୟରେ ଜରୁରୀକାଳୀନ ସେବା ଦେଉଥିବା ଅଗ୍ନିଶମ ବିଭାଗର କର୍ମଚାରୀ କାର୍ଯ୍ୟବନ୍ଦ ଆରମ୍ଭ କରିଛନ୍ତି। ଆଜି ପୂର୍ବାହ୍ନରୁ ସଂଗ୍ରାମ ମଲିକ, ଜ୍ଞାନଦର୍ଶନ ବିଶ୍ୱାଳ, ଡ୍ରାଇଭର ହାବିଲଦାର ଅଶୋକ କୁମାର ଭୋଇ, ଫାୟାରମ୍ୟାନ ବିଭୁତି ଦଳାଇ, ଅମୂଲ୍ୟ କିଶୋର ପରିଡ଼ା, ସରୋଜ କୁମାର ପଣ୍ଡା, ବିପିନ କୁମାର ଜେନା, ଆଶିଷ କୁମାର ମହାପାତ୍ର, ନରହରି ମଲିକ ପ୍ରମୁଖ କାର୍ଯ୍ୟବନ୍ଦ ରଖି ଦମକଳ କେନ୍ଦ୍ର ସମ୍ମୁଖରେ ଧାରଣରେ ବସି ରହିଛନ୍ତି।

● ମାଗଣା ସଂଯୋଗ କହି ଠକିଦେଲେ

# 'ବିଜୁଳି ମୋ ପାଇଁ ସାତସପନ'

କେନ୍ଦ୍ରାପଡ଼ା, ୨୧।୨(ସମିସ): ମାଗଣାରେ ବିଦ୍ୟୁତ୍ ସଂଯୋଗ ଦିଆଯିବ କହି ସବୁ ପ୍ରକାରର ଡକ୍ୟୁମେଣ୍ଟ ନେଲେ। ବାରମ୍ବାର କାର୍ଯ୍ୟାଳୟକୁ ଡ଼କାଇଲେ। ହେଲେ ୨ ବର୍ଷ ହେଲା ଦୌଡ଼ି ଦୌଡ଼ି ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ଦେଲେନାହିଁ। ଫଳରେ ଜଣେ ଅସହାୟ ବ୍ୟକ୍ତି ବିଦ୍ୟୁତ୍ ଆଲୁଅରୁ ଆଜି ବଞ୍ଚିତ ହୋଇ ରହିଛନ୍ତି

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଜାଲକଣା ଗ୍ରାମର ସୁକାନ୍ତ ମହାପାତ୍ରଙ୍କ କ୍ଷେତ୍ରରେ ଏହିଭଳି ଘଟିଛି। ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ବିଦ୍ୟୁତ ବିଭାଗ ନୂତନ ବିଦ୍ୟୁତ ସଂଯୋଗ କରୁନାହାନ୍ତି। ଆଉ ସୁକାନ୍ତଙ୍କ ନିକଟରେ ଅର୍ଥ ନଥିବାରୁ ମଧ୍ୟ ସେ ଟଙ୍କା ଦେଇ ସଂଯୋଗ ନେଇପାରୁନାହାନ୍ତି। ଏମିତିକି ସୁକାନ୍ତ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ନୂତନ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କରିଥିଲେ। ମାର୍ଶାଘାଇ ବିଦ୍ୟୁତ କାର୍ଯ୍ୟାଳୟକୁ ଗଲେ ମଧ୍ୟ ଦିନ ପରେ ଦିନ ଗଡ଼େଇ ଚାଲିଛନ୍ତି। ବିଦ୍ୟୁତ ବିଭାଗ କର୍ମଚାରୀ ଆଜି ଯାଇ ତାର ସଂଯୋଗ କରିଦେବୁ କାଲି ଯାଇ କରିଦେବୁ କହି ଭଣ୍ଡାଉଛନ୍ତି। ଏସବୁ ଶୁଣି ସୁକାନ୍ତ ନିରାଶ ହୋଇ 'ବିଜୁଳି ମୋ ପାଇଁ ସାତ ସପନ' ବୋଲି କହିଛନ୍ତି। ନୂତନ ଜିଲ୍ଲାପାଳ ଦୃଷ୍ଟି ଦେଲେ ତାଙ୍କ ଦୁଃଖ ଦୂର ହେବ ବୋଲି ସେ କୋହଭରା କଣ୍ଠରେ କହିଛନ୍ତି।



# ପାରାଦୀପ ମହାବିଦ୍ୟାଳୟ ଶିକ୍ଷା ବିଭାଗର ବାର୍ଷିକ ସମ୍ମାନ

ପାରାଦୀପ, ୨୧।୨(ସମିସ): ପାରାଦୀପ ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ଏକ ଦିବସୀୟ ବାର୍ଷିକ ସମ୍ମାନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡଃ ସସ୍ମିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ ସୁଜାତା ମୁଣ୍ଡ(ଶିକ୍ଷା ବିଭାଗ) ଯୋଗ ଦେଇ ସମ୍ମାନର ବିଷୟ ବସ୍ତୁ 'ଜାତୀୟ ଶିକ୍ଷାନୀତି ୨୦୨୦'ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଆୟୋଜିକା ତଥା ଶିକ୍ଷା ବିଭାଗର ମୁଖ୍ୟ ଡଃ ଜାଗୃତି ରାୟ ଅତିଥି ପରିଚୟ ପ୍ରଦାନ କରିବା ସହିତ ଶିକ୍ଷା ଆୟୋଗ ଏବଂ ଶିକ୍ଷାନୀତି ଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ଶୁଭ୍ରଜିତା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀ ରଶ୍ମିରେଖା ବାରିକ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ତଥା ଇ- ଶୀକ୍ଷଣ ଉପରେ ଏକ ସନ୍ଦର୍ଭ ପାଠ କରିଥିଲେ। ଏସ ବି ସୋମା 'ବାଲ୍ୟାବସ୍ଥା ଶିକ୍ଷା ଆନୁଷ୍ଠାନିକ ଶିକ୍ଷାର ମୂଳଦୁଆ ଅଟେ'ଶୀର୍ଷକ ଏକ ସନ୍ଦର୍ଭ ପାଠ କରିଥିଲେ। ଶେଷରେ ଶିକ୍ଷା ବିଭାଗର ଅଧ୍ୟାପିକା ସୌମ୍ୟାପୟୋସୋନି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଏବଂ ଶିକ୍ଷା ବିଭାଗର ସମସ୍ତ ଛାତ୍ରଛାତ୍ରୀ ଯୋଗଦାନ କରି ସମ୍ମାନକୁ ସଫଳ କରିଥିଲେ।



# ଦୋକାନ ଜାଳିଦେଲେ ଦୁର୍ବୃତ୍ତ

ଆଳି, ୨୧।୨(ସମିସ): ଆଳି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ କ୍ୟାବିନକୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଜାଳି ଦେଇଛନ୍ତି। ଏନେଇ ଆଳି ଥାନାର ଦୋକାନ ମାଲିକ ଅଭିଯୋଗ କରିଛନ୍ତି। ଦୋକାନ ମାଲିକ ଗୌଡ଼ପାଟଣା ଗ୍ରାମର କୁସୁମ ପରିଡ଼ା ଆଳି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସବୁଦିନ ପରି ମଙ୍ଗଳବାର ରାତି ୮ଟାରେ ସେ ତାଙ୍କ ଭେରାଇଟି ଷ୍ଟୋର ବନ୍ଦ କରି ଘରକୁ ଯାଇଥିଲେ। ରାତି ପ୍ରାୟ ୨ଟା ସମୟରେ ଦୋକାନରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକ ତାଙ୍କୁ ଖବର ଦେଇଥିଲେ। ଦୋକାନ ପାଖକୁ ଆସିବା ବେଳକୁ କ୍ୟାବିନଟି ହୁତୁହୁତୁ ହୋଇ ଜଳୁଥିଲା। ସ୍ଥାନୀୟ ଲୋକ ନିଆଁ ଲିଭାଇବାରେ ବିଫଳ ହେବାରୁ ଆଳି ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ କର୍ମଚାରୀ ପହଞ୍ଚିବା ବେଳକୁ କ୍ୟାବିନ୍‌ଟି ସମ୍ପୂର୍ଣ୍ଣ ଜଳିସାରିଥିଲା। ସେଥିରେ ଥିବା ଫ୍ରିଜ, ଇଣ୍ଡକ୍ସନ ଚୁଲା ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି। ଦୋକାନ ନିକଟରେ ଏକ ଲୁହା ଶାବଳ ପଡ଼ିଛି। କେହି ରାଗ ରଖି ଏପରି କରିଥିବା ସେ ଆଳି ଥାନାରେ ଅଭିଯୋଗ କରିଛନ୍ତି।

ପାଣି ପାଇଁ ହନ୍ତସନ୍ତ

# ପାନୀୟ ଜଳ ମେସିନ ମରାମତି ଦାବି

କେନ୍ଦ୍ରାପଡ଼ା, ୨୧।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତ ବାଘଡିଆ ଗ୍ରାମରେ ଥିବା ମା' ଗୋଜବାୟାଣୀ ପୀଠରେ ଥିବା ଥଣ୍ଡା ପାନୀୟଜଳ ମେସିନ ଅଚଳ ହୋଇ ଯାଇଛି। ଏଠାରେ ପ୍ରଶାସନ ପକ୍ଷରୁ ଥଣ୍ଡା ପାନୀୟ ଜଳ ମେସିନ ସ୍ଥାପନ କରାଯାଇଥିଲା। ହେଲେ ଦୀର୍ଘଦିନ ହେବ ଖରାପ ହୋଇ ପଡ଼ିରହିଛି। ପ୍ରତିଦିନ ଆସୁଥିବା ଭକ୍ତମାନେ ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି। ମରାମତି ପାଇଁ ପାନୀୟ ଜଳ ଓ ମନ୍ଦିର ପ୍ରଶାସନ ବିଭାଗକୁ ବାରମ୍ବାର ଗ୍ରାମବାସୀମାନେ ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପ୍ରଶାସନିକ ଅଧିକାରୀମାନଙ୍କ ଅବହେଳା ପାଇଁ ଭକ୍ତ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପିଇବାରୁ ବଞ୍ଚିତ ହେଉଥିବା ଲୋକ ଅଭିଯୋଗ କରିଛନ୍ତି। ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଏବେ କଳଙ୍କି ଖାଇ ନଷ୍ଟ ହେବାକୁ ବସିଲାଣି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।




# ଅଲିଭ୍‌ରିଡ୍‌ଲେଙ୍କ ପାଇଁ ଅସୁରକ୍ଷିତ ପାରାଦୀପ ଉପକୂଳ

ପାରାଦ୍ୱୀପ, ୨୧।୨(ସମିସ): ହଜାର ହଜାର ନଟିକାଲ ମାଇଲ ଦୂରରୁ ଓଡ଼ିଶା ଉପକୂଳକୁ ଛୁଟି ଆସୁଥିବା ଅଲିଭରିଡ୍‌ଲେ କଇଁଛଙ୍କ ପାଇଁ ଅସୁରକ୍ଷିତ ପାଲଟିଛି ଓଡ଼ିଶା ଉପକୂଳ। ଓଡ଼ିଶା ଉପକୂଳକୁ ଅଣ୍ଡାଦାନର ସୁରକ୍ଷିତ ସ୍ଥାନ ଭାବରେ ଶୀତଦିନ ଆଗମନରେ ଓଡ଼ିଶାର ସୁଦୀର୍ଘ ବେଳାଭୂମିକୁ ପ୍ରଜନନ ପାଇଁ ଆସୁଥିବା ଏହି ଅଲିଭ୍‌ରିଡଲେଙ୍କ ଜୀବନ ବିପଦରେ। ପାରାଦୀପ ଉପକୂଳରେ ପଡ଼ି ରହିଥିବା ଶହ ଶହ ସଂଖ୍ୟାରେ ଅଲିଭ୍‌ରିଡଲେଙ୍କ ମୃତଦେହ ଦେଖିଲେ ଏହା ହିଁ ପ୍ରତୀୟମାନ ହେଉଛି। ଏହି ଅଲିଭ୍‌ରିଡ୍‌ଲେ କଇଁଛଙ୍କ ମୃତଦେହକୁ କାଉ, କୁକୁର ଭିଡି ଖାଉଥିବାର ଦୃଶ୍ୟ ପରିବେଶବିତ୍ ଓ ଜନସାଧାରଣଙ୍କୁ ବ୍ୟଥିତ କରୁଛି। ବନ ବିଭାଗ କର୍ମଚାରୀମାନେ ଏହି ଅଲିଭ୍‌ରିଡ୍‌ଲେ କଇଁଛଙ୍କ ମୃତଦେହକୁ ବାଲିରେ ପୋତିଦେଇ ନିଜର କାମ ସାରି ଦେଉଛନ୍ତି। ମୃତଦେହ ପଚିବା ପରେ କୁକୁର ଓ ବନ୍ୟଜନ୍ତୁମାନେ ଗନ୍ଧ ବାରି ବାଲି ଖୋଳି ଏହି ମୃତଦେହକୁ ଟାଣି ଖାଇବା ସହିତ ବେଳାଭୂମିରେ ଏଣେତେଣେ ଫିଙ୍ଗୁଛନ୍ତି।

ଏହାର ଅନେକ କାରଣ ରହିଛି, ନଭେମ୍ବରରୁ ମେ' ମାସ ପର୍ଯ୍ୟନ୍ତ କଟକଣା ଅବଧିକୁ ମାନୁନାହାନ୍ତି ଟ୍ରଲର ଓ ବୋଟ୍ ଚାଳକ। ଫଳରେ କଟକଣା ଲାଗିଥିବା ଅଞ୍ଚଳରେ ବେଆଇନ ଭାବରେ ମାଛ ଧରୁଥିବା ଟ୍ରଲର ଫ୍ୟାନ୍‌ରେ ଲାଗି ଅଲିଭ୍‌ରିଡ୍‌ଲେଙ୍କ ମୃତ୍ୟୁ ଘଟୁଛି। ଏହାସହ ବିଭିନ୍ନ ଶିଳ୍ପ ସଂସ୍ଥାରୁ ନିର୍ଗତ କେମିକାଲ ଜଳ ସମୁଦ୍ର ପାଣିରେ ମିଶିବା ଯୋଗୁ ସମୁଦ୍ର ଜଳ ବିଷାକ୍ତ ହୋଇ ମଧ୍ୟ କଇଁଛଙ୍କ ମୃତ୍ୟୁ ଘଟୁଥିବା ପରିବେଶବିତ୍‌ମାନେ କହୁଛନ୍ତି।

ଯଥାଶୀଘ୍ର ଅତିଥି ବୋଲାଉଥିବା ଅଲିଭରିଡ୍‌ଲେଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜଙ୍ଗଲ ବିଭାଗ ହେଉ କିମ୍ବା ମତ୍ସ୍ୟବିଭାଗ ସଜାଗ ହୋଇ ବିରଳ ଅଲିଭ୍‌ରିଡଲେଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ପରିବେଷବିତ୍‌ମାନେ ଅନୁରୋଧ କରିଛନ୍ତି। ପ୍ରତ୍ୟେକ ବର୍ଷ ଶୀତଋତୁ ଆଗମନରେ ହଜାର ହଜାର ମାଇଲ ଦୂରରୁ ଏହି ଅଲିଭରିଡଲେ କଇଁଛ ଓଡ଼ିଶାର ବିସ୍ତୀର୍ଣ୍ଣ ଉପକୂଳ ସାତଭାୟା, ଋଷିକୂଲ୍ୟା ମୁହାଣ, ଦେବିନଦୀ ମୁହାଣ, ଜଟାଧାର ଅଞ୍ଚଳକୁ ଛୁଟି ଆସିଥାନ୍ତି ଅଣ୍ଡାଦାନ ପାଇଁ। ତେବେ ପାରାଦୀପ ଅଞ୍ଚଳର ଜଳ ପ୍ରଦୂଷିତ ହେବା ଏବଂ ଉପକୂଳରେ କଟକଣା ନମାନି ମାଛ ଧରିବାରୁ ଏହି ବେଳାଭୂମି ଏବେ କଇଁଛଙ୍କ ପାଇଁ ମୃତ୍ୟୁର ଶଯ୍ୟା ପାଲଟିଛି। ପାରାଦ୍ୱୀପ ହନୁମାନ ମନ୍ଦିରଠାରୁ କଂସାରୀପାଟିଆ ଅଞ୍ଚଳର ସମୁଦ୍ର କୂଳରେ ପଡ଼ିଥିବା ଅଲିଭ୍‌ରିଡଲେଙ୍କ ମୃତଦେହ ଦେଖିଲେ ଯେ କେହି ବିଚଳିତ ହେବ।





